Weekly Multilingual

# ଭଏସ୍ ଅଫ୍ ଭିକ୍ଟିମ୍ସ

Voice of Victims

Pages-8 ODIMUL/2023/89182 Rs - 5.00

ଭାଗ:୧, ସଂଖ୍ୟା: ୪୮, ଭୁବନେଶ୍ୱର, ଅକ୍ଟୋବର ୧୪-୨୦, ୨୦୨୪, Vol: 1, Issue: 48, Bhubaneswar, October-14-20, 2024

# ସ୍ୱପ୍ନର ସହରରେ ଶିକ୍ଷା ବିକୁଥିବା ପ୍ରଚଳିତ ବ୍ୟବସ୍ଥା

**ଅର୍ପିତା ମିଶ୍ର**

ସଭିଏଁ ଚାହାଁନ୍ତି ସରକାରୀ ଚାକିରିଟିଏ ପାଇବା ପାଇଁ। ଦିନରାତି ପରିଶ୍ରମ କରି, ଅନେକ ବ୍ୟକ୍ତିଗତ ସ୍ୱପ୍ନକୁ ଜଳାଞ୍ଜଳି ଦେଇ ଚାକିରିଟିଏ ଆଶାରେ ଲାଗିପଡ଼ନ୍ତି। ଅନେକ ସଫଳ ବି ହୁଅନ୍ତି ବାକି ବାଦ ପଡିଯାଇଥିବା ଆଶାୟୀ ପୁନଶ୍ଚ ଲାଗିପଡ଼ନ୍ତି ସ୍ୱପ୍ନ ହାସଲ ଦିଗରେ। ଏ ପ୍ରକ୍ରିୟା ଲାଗିରହିଥାଏ। କିନ୍ତୁ ବର୍ତ୍ତମାନ ସମାଜରେ ସରକାରୀ ଚାକିରିଟିଏ ପାଇବା ଏତେଟା ଆଉ କଠିନ ହୋଇନାହିଁ। ଦୁର୍ନୀତି, ମାଫିଆ, ରାଜନେତା ଏବଂ







କେତେକ ଲାଞ୍ଚୁଆ ଅଫିସରଙ୍କ ପାଇଁ ବିଧ୍ୱସ୍ତ ହେବାରେ ଲାଗିଛି ଆମ ଦେଶର ଶିକ୍ଷା ବ୍ୟବସ୍ଥା। ରାଜ୍ୟସ୍ତରୀୟ (PSC) ହେଉ କିମ୍ବା ଜାତୀୟ ସ୍ତରୀୟ (UPSC) ପ୍ରତ୍ୟେକ କ୍ଷେତ୍ରରେ କୋଟିକୋଟି ଆଶାୟୀ ରହିଛନ୍ତି। ସଭିଙ୍କ ସ୍ୱପ୍ନ ପରୀକ୍ଷା କ୍ରାକ୍ କରିବେ ବଡ଼ ଅଫିସର ହେବେ, ଦେଶପାଇଁ କାମ କରିବେ। କିନ୍ତୁ, ତାହା କେତେମାତ୍ରାରେ ସତ ହେଉଛି ତାହା ଏବେ ବି ସନ୍ଦେହ ଘେରରେ। ଦିନରାତି ପରିଶ୍ରମ କରି ପଢୁଥିବା ଆଶାୟୀଙ୍କ ଅପେକ୍ଷା, ବଡ଼ ବଡ଼ ହସ୍ତୀଙ୍କ ହାତବାରିଷି ଏବଂ ଟଙ୍କାଦେଇ ଚାକିରି କିଣିପାରୁଥିବା ଆଶାୟୀଙ୍କ ସଂଖ୍ୟା ଢେର ଅଧିକ। ଏଭଳି ଆଶାୟୀଙ୍କୁ ନା ପରିଶ୍ରମ କରିବାକୁ ପଡେ ନା ପରୀକ୍ଷା ଦେବାକୁ ପଡେ, ସୁପାରିଶ କଲେ କିମ୍ବା ଟଙ୍କା ଫୋପାଡ଼ିଲେ ଚାକିରି ଥୁଆ। ଏହା ହିଁ ଆମ ଦେଶର ସରକାରୀ ବ୍ୟବସ୍ଥାରେ ଦୁର୍ନୀତିର ଏକ ଛୋଟିଆ ସୋପାନ। ଅନେକ

ସରକାରୀ ଅଫିସର, ଶାସକଦଳର ନେତା ଏଥିରେ ସାମିଲ ଥାଆନ୍ତି।

କିଛିଦିନ ତଳେ, ଦେଶର ସର୍ବୋଚ୍ଚ ପରୀକ୍ଷା (UPSC) ରେ ଠିକ ଏହିପରି ଘଟଣା ଚର୍ଚ୍ଚାରେ ରହିଥିଲା। ପୂଜା ଖେଡ଼କର ନାମକ,



ଆଶାୟୀ ଜଣଙ୍କ ନିଜର ଜାଲ ସାର୍ଟିଫିକେଟ, ଠିକଣା, ଡିଗ୍ରୀ, ଏପରିକି ବାପା, ମା' ଙ୍କ ନାଁ ଭୁଲ ଦର୍ଶାଇ ପରୀକ୍ଷା କ୍ଲିଅର କରିଥିଲେ ଏବଂ ଟ୍ରେନିଂ ପାଇଁ ଚୟନ ମଧ୍ୟ ହୋଇଥିଲେ।

କିଛିଦିନ ପୂର୍ବରୁ, ନିଟ୍ ପରୀକ୍ଷାର ପେପର ଲିକ ହେଲା, ପରୀକ୍ଷା ଦେଇଥିବା ଲକ୍ଷଲକ୍ଷ ଆଶାୟୀଙ୍କ ଭବିଷ୍ୟତ ଉପରେ ପ୍ରଶ୍ନବାଚୀ ଲାଗିଲା । କେବଳ ଏବେ ନୁହେଁ ପରୀକ୍ଷା ପୂର୍ବରୁ ପେପର ଲିକ ହେବା, ପ୍ରଶ୍ନପତ୍ର ଚୋରିହେବା, ଏଭଳି ଅସଂଖ୍ୟ ଘଟଣା ଦେଖିବାକୁ ମିଳୁଛି। ଏଭଳି ଅନିୟମିତତା କାହାପାଇଁ ଏବଂ କେଉଁଭଳି ପରିସ୍ଥିତିରେ ଘଟୁଛି କେବେ ଭାବିଛନ୍ତି ? ଯଦି ଜାତୀୟ ସ୍ତରରେ ଏଭଳି ଘଟଣା ହୋଇପାରୁଛି ତେବେ ରାଜ୍ୟସ୍ତରରେ କଣ କଣ ବା ନହେଉଥିବ ? ଅଳ୍ପ କିଛିଦିନ ତଳର ଘଟଣାକୁ ଦେଖନ୍ତୁ, ଆମ ଓଡ଼ିଶାର ରାଜଧାନୀ ଭୁବନେଶ୍ୱର, ନୟାପଲ୍ଲୀ ଅଂଚଳରେ ଏକ କାଫେ ଭିତରେ ଚାଲିଥିଲା ଆର.ଆଇ ଏବଂ ଅମିନ ପରୀକ୍ଷା। ସରକାରୀ




ପରୀକ୍ଷାର ମାନ କଣ ଏତେ ନୀଚସ୍ତରର ହୋଇଗଲାଣି ଯେ ଶେଷରେ କାଫେ ଆଉ ହୋଟେଲ ଭିତରେ ଆଶାୟୀମାନେ ପରୀକ୍ଷା ଦେବେ ? ରାଜ୍ୟ ସରକାରଙ୍କ ଶିକ୍ଷା ବ୍ୟବସ୍ଥା କଣ ଏମିତି ? ହଜାର ହଜାର ସରକାରୀ ପଦବୀ ଖାଲି ପଡିଛି, କୋଟିକୋଟି ଆଶାୟୀ ଅପେକ୍ଷାରତ କିନ୍ତୁ ପରୀକ୍ଷାରେ ବାରମ୍ବାର ଅନିୟମିତତା ଛାତ୍ରଛାତ୍ରୀଙ୍କ ମନୋବଳକୁ ଭାଙ୍ଗିଚାଲିଛି। ଅନେକ ଆଶାୟୀ ଏହାକୁ ସହ୍ୟ ନକରି ପାରି ଆତ୍ମହତ୍ୟା କରିବାକୁ ବି ପଛାଉନାହାନ୍ତି। ଯେଉଁମାନେ ଆମ ଦେଶର ଭବିଷ୍ୟତ, ତାଙ୍କପାଇଁ ସରକାର ଯଦି ସୁବ୍ୟବସ୍ଥିତ ପଦକ୍ଷେପ ନନେବେ ତେବେ ଆଗକୁ ରାଜ୍ୟ ତଥା ଦେଶର ଶିକ୍ଷାବ୍ୟବସ୍ଥା ଧ୍ୱସ୍ତ ହେବା ନିଶ୍ଚିତ।



## ସଂ ପା ଦ କୀ ୟ

# ନାଲିପାଣିର ନାଲିଆଖି

ନାଲିପାଣିର ତର୍ଜମା କଲେ ସୁରା ରଙ୍ଗ ଯେ, ନାଲି ସେକଥା ନୁହେଁ । ବିଭିନ୍ନ ରଙ୍ଗର ସୁରା ବି ତ ଉପଲବ୍ଧ । କିନ୍ତୁ ଏହାକୁ ଏହି ନାଲିପାଣି କହିବାର ଅର୍ଥ- ଏହାର ପ୍ରଭାବ ରକ୍ତିମ, ଲାଲ ଲହୁ, ଲାଲ ଶିଖା ପରି । ଏହା ଧ୍ୱଂସ, ହିଂସା ଓ ବିଦ୍ୱେଷ ଓ ଅତ୍ୟାଚାରର ପ୍ରତୀକ । ଶୁଦ୍ଧ ପାଣି ସିନା ରକ୍ତକୁ ଲାଲ କରି ତେଜୀୟାନ କରେ, ହେଲେ ନାଲିପାଣି ସେହି ରକ୍ତକୁ ପାଣିଚିଆ କରିଦିଏ। ଲୁହାକୁ ଲୁହା କାଟିଲା ପରି ଜୀବନ ରକ୍ଷାକାରୀ ରକ୍ତକଣିକାର ଶକ୍ତିକୁ ପ୍ରତିହତ କରେ ଏହି ନାଲିପାଣି । ଏଥକୁ ସାବଧାନ ଜନେ, ନାଲିପାଣି ଜୀବନକୁ ନାଲିଆଖି ଦେଖେଇ ସାରିଛି, ବାକି ଅଛି ସଂପୂର୍ଣ୍ଣ ଧ୍ୱଂସ ପାଇଁ ବାକି ଥିବା ଅଠର ଦିନ ମହାଭାରତ ଯୁଦ୍ଧର ଅଧା ଓଳି । ସୋମରସ, ସୁରା, ମଦ, ମଦ୍ୟ ଇତ୍ୟାଦିକୁ ନାଲିପାଣି ବୋଲି ଆଂଚଳିକ ଭାଷାରେ, ସାଂକେତିକ ଶବ୍ଦରେ ଅଭିହିତ କରାଯାଏ । ଦୁଇଟି ଶୁଦ୍ଧ ଶବ୍ଦ ନାଲି ଓ ପାଣି ମିଶି ଏକାକାର ଏକୋଇ ଶବ୍ଦ ପାଲଟିଲେ ଏକ ଅଦ୍ଭୁତ ଓ ବିଷାକ୍ତ ଶବ୍ଦରେ ପରିଣତ ହୁଏ। ଏହାର ସେବନ ଏବେ ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ବ୍ୟାପ୍ତ । ଏହା ସାମୟିକ ଜୀବନଚର୍ଯ୍ୟାର ଏକ ବିଳାସପୂର୍ଣ୍ଣ ଅଙ୍ଗ ବୋଲି କେହି କେହି ସୁରା ବିକାଳି କହିଲେଣି । ବାସ୍ତବରେ ସମାଜ ବୃକ୍ଷର ଏହା ଏକ ଉଇଚରା ପ୍ରକ୍ରିୟା । ଆସ୍ତେ ଆସ୍ତେ ଉତେଜନାର ମୂଳ ଓ ମୁଖ୍ୟ କାରଣ ସାଜି ଯେତେ ଯେତେ ଅପରାଧିକ କାର୍ଯ୍ୟ କରିବାକୁ ପ୍ରେରିତ କରୁଛି । କେବଳ ଯେ ମଦ୍ୟ ମାଦକତାର ଏକମାତ୍ର ଉତ୍ସ ତାହା ନୁହେଁ । ଚରସ, ବ୍ରାଉନସୁଗର, ଗଂଜେଇ ପରି ତା'ର ଭାଇ ବନ୍ଧୁକୁଟୁମ୍ବ ବି ମାନବ ସମାଜକୁ ଧ୍ୱଂସ କରିବାରେ ଲାଗିଛନ୍ତି। ହାଣ୍ଡିଆ, ମହୁଲି, ତାଡ଼ି ଇତ୍ୟାଦି ଗାଉଁଲୀ ଓ ଅପେକ୍ଷାକୃତ ଶସ୍ତା କଠିନ ପାନୀୟ ମଧ୍ୟ ଏହାର ପୂର୍ବଜ। ଥରେ ଚିନ୍ତା କରନ୍ତୁ ତ, ଦ୍ୱାପରରେ ଶ୍ରୀକୃଷ୍ଣ ଯେତେବେଳେ ନିଜ ଯାଦବ କୁଳ ଧ୍ୱଂସ କରିବାକୁ ଚାହିଁଲେ, ସେତେବେଳେ ସୋମରସର ସାହାରା ହିଁ ନେଇଥିଲେ । କୋକୁଆର ଭୟ ଦେଖାଇ ସମସ୍ତଙ୍କୁ ତା' ବିରୁଦ୍ଧରେ ସଂଗ୍ରାମ କରିବାକୁ ସୋମରସ ଏକମାତ୍ର ଶକ୍ତିବର୍ଦ୍ଧକ ବୋଲି ବିଶ୍ୱାସ କରି ଶେଷରେ ଚିନ୍ତା ଚୈତନ୍ୟ, ବିବେକଶୂନ୍ୟ ହୋଇଥିଲେ ଯାଦବ କୁଳ ଏହାର ପ୍ରଭାବରେ। ନିଜ ନିଜ ଭିତରେ ଯୁଦ୍ଧ କରି ସେବନରୁ ଶବ ହୋଇଥିଲେ। ଇତିହାସର ପୁନରାବୃତି, ପୁରାଣର ପୁନରାବୃତି ହେଉନାହିଁ ତ କଳିଯୁଗର ଶେଷ ଫର୍ଦ୍ଦରେ ମାନବ ସମାଜରୂପକ ଯାଦବ କୁଳ ଶେଷ ହେବାକୁ ବସିନାହିଁ ତ କାଳ ବୋଇଲେ ଇଏ କାଳକୂଟ ବିଷ ସଦୃଶ ମଦ୍ୟ ନିଶ୍ଚୟ ନିଃଶେଷ କରିଦବାର ପ୍ରକ୍ରିୟା ବ୍ୟସ୍ତ। କେତେ ସାମଞ୍ଜସ୍ୟ ଦେଖନ୍ତୁ ତ । ଦ୍ୱାରକାପୁରୀର ବୈଭବରେ ମସଗୁଲ ଯାଦବ କୁଳ ପରି ଆଜିର ଚାକଚକ୍ୟର ଅତ୍ୟାଧୁନିକ ସମାଜ ସେହି ଧ୍ୱଂସପଥର ଯାତ୍ରୀ ନୁହଁନ୍ତି ତ ନଦେଖିଲା କଥା ଦେଖିବାକୁ ହେଉଛି, ନଶୁଣିଲା କଥା ଶୁଣାଯାଉଚି। ପାର୍ଟି ପିକନିକ୍, ଭୋଜି ଆଉ ମଉଜ ମଜଲିସ ନାଆଁରେ ଲୁଚାଚୋରା ନୁହେଁ, ଖୁଲମଖୁଲା ମଦ ପରଷା, ବିତରଣ ଓ ସେବନ ନିଶ୍ଚୟ ବିବେକଶୂନ୍ୟ କରୁଛି ସମାଜକୁ । ଫଳତଃ ନାରୀଧର୍ଷଣ, ହତ୍ୟା, ଆକ୍ରମଣ-ପ୍ରତ୍ୟାକ୍ରମଣ, ସାମାନ୍ୟ କଥାରୁ ବଚସା, ଝିମିଟି ଖେଳରୁ ମହାଭାରତ ପରି ଅଘଟଣ ଘଟୁଛି। ପୁଣି ଦୁର୍ଘଟଣା ଠାରୁ ଦୁଷ୍କର୍ମ ପର୍ଯ୍ୟନ୍ତ ଯେତେଯେତେ ବିବେକଶୂନ୍ୟ, ଅମାନୁଷିକ ଘଟଣା ସଂଘଟିତ ହେଉଛି, ଏହାର ମୂଳ କାରଣ ଏହି ମଦ୍ୟ। କାରଣ ଏମିତିରେ ସୁସ୍ଥ ମଣିଷ ସାଧାରଣ ଅବସ୍ଥାରେ ହିଂସାତ୍ମକ କାର୍ଯ୍ୟ କରିବାକୁ ବିଶେଷ ଇଚ୍ଛା କରେନାହିଁ। ଯେତେ କ୍ରୁର ସ୍ୱଭାବର ମଣିଷ ହେଇଥାଉନା କାହିଁକି, ସୁସ୍ଥ ଅବସ୍ଥାରେ ହତ୍ୟା, ଧର୍ଷଣ ପରି ନୃଶଂସ କାର୍ଯ୍ୟ କରିବାକୁ ପଛାଇଥାଏ। ତା'ର ମସ୍ତିଷ୍କକୁ ଅସୁସ୍ଥ ନକଲେ ଯେ ଏସବୁ କରିପାରିବ ନାହିଁ, ଏକଥା ଭଲଭାବରେ ଜାଣେ ଧ୍ୱଂସଲୀଳା ଘଟାଇବାକୁ ଇଚ୍ଛୁକ ପରଦା ପଛର ଖଳନାୟକ। ଏଥକୁ ଏହି ବିଷାକ୍ତ ଜହରର ଏତେ ଆଦର କାହିଁକି ? କାହିଁକି ଏତେ ସରକାରୀ ପ୍ରୋତ୍ସାହନ କାହିଁକି ଏହାର କରୋନା ଭୂତାଣୁ ପରି ସଂକ୍ରମଣ କଥା ହେଉଛି, ଶାସକଙ୍କର ଟିକସ ଆଦାୟ। ଜମି ବିକ, ବାଡ଼ି ବିକ, ଚୋରି କର, ଡକାୟତି କର, ହେଲେ ମଦ କିଣ ଆଉ ଟିକସ ଦିଅ। ଡାଆଣୀ ହୋଇ ଲାଗିବା, ପୁଣି ଗୁଣିଆ ହୋଇ ଝାଡ଼ିବା କ'ଣ ଶାସକମାନଙ୍କର ଏକମାତ୍ର ଶକୁନିର ପଶାଖେଳ। ସତରେ ଶାସକ ପ୍ରଭୁ କୃଷ୍ଣଙ୍କର ଭକ୍ତ। ମିଛରେ ଆମେ ଶକୁନିକୁ ଦୋଷ ଦେଉ ମହାଭାରତ ଯୁଦ୍ଧର ମୁଖ୍ୟ ଖଳନାୟକ ବୋଲି। ଆମେ କିନ୍ତୁ ଜାଣୁ ପୋଥି ପୁରାଣରୁ ଯେ, ଶକୁନିର ମୁଖ୍ୟ ଉଦ୍ଦେଶ୍ୟ ଥିଲା କୁରୁବଂଶକୁ ଧ୍ୱଂସ କରିବା। ଗାନ୍ଧାରୀ ବିବାହର ପ୍ରତିଶୋଧ ଏବଂ ତା' ବଂଶ ପ୍ରତି ହୋଇଥିବା ଅନ୍ୟାୟ, ଅବିଚାର ତଥା ଜଣେ ବଂଚିବାର ଖାଦ୍ୟ ଉପଲବ୍ଧି ପାଇଁ। ଅତଏବ ସେ ତ କୃଷ୍ଣଙ୍କର ଅଧର୍ମ ଉପରେ ଧର୍ମ ସଂସ୍ଥାପନ କରିବାରେ ସାହାଯ୍ୟ ହିଁ କରିଛି, ଏପରିକି ନିଜର ଜୀବନକୁ ବଳି ଦେଇ।

**ଆପଣଙ୍କ ଅଭିଯୋଗ, ସମସ୍ୟା, ମତାମତ କୁ ପ୍ରମାଣ ସହ ପଠାନ୍ତୁ। ବିଶେଷ ପୃଷ୍ଠା ନିମନ୍ତେ ଆର୍ଟିକଲ(ଆଲେଖ୍ୟ) ବି ପଠାଇ ପାରିବେ।**

ମୋବାଇଲ (ହ୍ୱାଟସ୍ଆପ) : ୬୩୭୧୪୧୭୩୬୧
ଇମେଲ: voiceofvictimsnews@gmail.com
ମୁଖ୍ୟ ସମ୍ପାଦକ: କୈଳାସ ଚନ୍ଦ୍ର ଶତପଥୀ
ମୁଖ୍ୟ ପ୍ରତିନିଧି : ରଣଜିତ୍ ପଟ୍ଟନାୟକ

# ସାମ୍ପ୍ରତିକ ବିଶ୍ୱରେ ଶରଣାର୍ଥୀ ସମସ୍ୟା

**ପଞ୍ଚାନନ ଅଗ୍ରୱାଲା**

ସାମ୍ପ୍ରତି ଇସ୍ରାଏଲ୍-ହମାସ୍ ଯୁଦ୍ଧ ଦିନକୁ ଦିନ ଉଗ୍ର ଓ ଅଧିକ ଭୟଙ୍କର ହେବାକୁ ଯାଉଛି। ଏଥିରେ ଦୁଇ ଦେଶର ଯେତିକି ଧନଜୀବନ ହାନି ହେଉଛି, ତା' ତୁଳନାରେ ବଳି ଯାଉଛି ମାନବାଧିକାରର ହନନ। ସବୁଠାରୁ ଉତ୍କଟ ହେଉଛି ଯୁଦ୍ଧ ବିସ୍ଥାପିତ ଓ ଶରଣାର୍ଥୀ ସମସ୍ୟା। ପ୍ରାଣଭୟରେ ଉଭୟ ଦେଶର ସୀମାନ୍ତରୁ ଲକ୍ଷ ଲକ୍ଷ ଲୋକ ପଳାୟନ କରୁଥିବା ବେଳେ ଆହୁରି ଅନେକ ଲୋକଙ୍କୁ ବାଧ୍ୟବାଧକତାରେ ବିସ୍ଥାପନ କରାଯାଉଛି। ଏହି ଯୁଦ୍ଧବିସ୍ଥାପିତ ଶରଣାର୍ଥୀମାନେ କେବଳ ଯୁଦ୍ଧ ବେଳେ ନୁହେଁ, ଯୁଦ୍ଧ ପରବର୍ତ୍ତୀ ସମୟରେ ମଧ୍ୟ ନା ନା ପ୍ରକାର ନିର୍ଯାତନା ଭୋଗନ୍ତି।

ଜାତିସଂଘର ଶରଣାର୍ଥୀମାନଙ୍କ କଲ୍ୟାଣ ପାଇଁ ଉଦ୍ଦିଷ୍ଟ ବିଭାଗର ମୁଖ୍ୟ ଫିଲିପୋ ଗ୍ରାଣ୍ଡି ଜେନେଭାଠାରେ ଶରଣାର୍ଥୀମାନଙ୍କ ସମସ୍ୟା ସମ୍ପର୍କରେ କହିଥିଲେ ଯେ ଉତ୍ପୀଡ଼ନ ଓ ମାନବାଧିକାର ଉଲ୍ଲଙ୍ଘନ କାରଣରୁ ୧୧ କୋଟି ଲୋକ ନିଜ ଘରବାଡ଼ି ଛାଡ଼ିବାକୁ ବାଧ୍ୟ ହୋଇଛନ୍ତି। ଏହା ଏକ ବୈଶ୍ୱିକ କଳଙ୍କ। ୨୦୨୨ରେ ପ୍ରାୟ ୧.୯କୋଟି ଲୋକ ବିସ୍ଥାପିତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ରୁଷ-ୟୁକ୍ରେନ୍ ଯୁଦ୍ଧ ପ୍ରଭାବିତ ଲୋକଙ୍କ ସଂଖ୍ୟା ଥିଲା ୧.୧ କୋଟିରୁ ଅଧିକ। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଏତେ ସଂଖ୍ୟାରେ ଲୋକମାନେ ଯୁଦ୍ଧ କାରଣରୁ ବିସ୍ଥାପିତ ହୋଇନଥିଲେ, ଯାହା ରୁଷ-ୟୁକ୍ରେନ୍ ଯୁଦ୍ଧରେ ଦେଖିବାକୁ ମିଳିଥିଲା। ଗ୍ରାଣ୍ଡି ଯୁକ୍ତି ଦର୍ଶାଇ କହିଛନ୍ତି ଯେ ସୁଦାନରୁ ପଶ୍ଚିମ ବିଶ୍ୱର ନାଗରିକମାନଙ୍କୁ ବହିଷ୍କାର କରିବା ପରେ ସେଠାରେ ଅଧିକାଂଶ ସଂଘର୍ଷର ଖବର ପ୍ରକାଶ ପାଉନାହିଁ। ସୁଦାନରେ ଏହି ସଂଘର୍ଷ ଦ୍ୱାରା ଏପ୍ରିଲ ୨୦୨୩ ପରେ ବର୍ତମାନ ସୁଦ୍ଧା ୨୦ଲକ୍ଷ ଲୋକ ବିସ୍ଥାପିତ ହୋଇ ସାରିଛନ୍ତି। ସେହିପରି କାଙ୍ଗୋ ଗଣରାଜ୍ୟ, ଇଥୋପିଆ, ମିଆଁମାର ସଂଘର୍ଷ ପ୍ରଭାବରେ ପ୍ରାୟ ୧୦ଲକ୍ଷ ଲୋକ ନିଜ ବାସସ୍ଥାନ ଛାଡ଼ିବାକୁ ବାଧ୍ୟ ହୋଇଛନ୍ତି। ଏକ ବିଶେଷସୂତ୍ରରୁ ପ୍ରାପ୍ତ ଖବର ଅନୁଯାୟୀ ୨୦୨୨ରେ ୧ଲକ୍ଷ ୧୪ହଜାର ଶରଣାର୍ଥୀଙ୍କ ପୁନର୍ବାସ କରାଯାଇଥିଲା, ଯାହା ୨୦୨୧ ତୁଳନାରେ ଦୁଇଗୁଣ ଅଟେ।

ଜାତିସଂଘ ଶରଣାର୍ଥୀ ଉଚ୍ଚ ଆୟୋଗର ରିପୋର୍ଟ ଅନୁଯାୟୀ, ରୁଷ-ୟୁକ୍ରେନ ଯୁଦ୍ଧର ଦଶ ଦିନ ପୂରଣ ହେବା ପରେ ମିଜାଇଲ ଆକ୍ରମଣରୁ ବଞ୍ଚିବା ପାଇଁ ୧୦ଲକ୍ଷରୁ ଅଧିକ ନାଗରିକ ୟୁକ୍ରେନରୁ ପଳାୟନ କରିସାରିଥିଲେ। ଗତ ଏକ ଶତାବ୍ଦୀ ମଧ୍ୟରେ ନିଜ ବାସସ୍ଥାନ ଛାଡ଼ି ଲୋକଙ୍କ ଗଣପଳାୟନ ମଧ୍ୟରେ ଏହା ଥିଲା ସର୍ବବୃହତ୍। ଏହା ପୂର୍ବରୁ ୨୦୧୧ରେ ସିରିଆରେ ହୋଇଥିବା ଗୃହଯୁଦ୍ଧରେ ବହୁସଂଖ୍ୟାରେ ଲୋକେ ପଳାୟନ କରିଥିଲେ। ୟୁକ୍ରେନ୍‌ରୁ ପଳାୟନ କରିଥିବା ଲୋକମାନେ ରୋମାନିଆ, ପୋଲାଣ୍ଡ, ମାଲଡୋଭା, ସ୍ଲୋଭାକିଆ, ହଙ୍ଗେରୀ ଓ ବେଲାରୁଷରେ ଶରଣ ନେଇଛନ୍ତି। ସେମାନଙ୍କ ମଧ୍ୟରୁ ସବୁଠାରୁ ଅଧିକ ୬.୫ ଲକ୍ଷ ଲୋକ ପୋଲାଣ୍ଡରେ ଶରଣ ନେଇଛନ୍ତି। କିଛି ଲୋକ ନିକଟବର୍ତ୍ତୀ ରୁଷର ସୀମାକ୍ଷେତ୍ରରେ ମଧ୍ୟ ଆଶ୍ରୟ ନେଇଛନ୍ତି। ସବୁଠାରୁ କମ ଶରଣାର୍ଥୀ ବେଲାରୁଷ ପହଂଚିଛନ୍ତି। କାରଣ ବେଲାରୁଷ ରୁଷର ସହଯୋଗୀ ଦେଶ ହୋଇଥିବାରୁ ସେଠାରେ ଶରଣାର୍ଥୀ ଅପେକ୍ଷାକୃତ ନିରାପଦ ବୋଲି ଭାବୁଛନ୍ତି। ଜାତିସଂଘ ଶରଣାର୍ଥୀ ସମ୍ପର୍କିତ ସଂସ୍ଥା ଆଶଙ୍କା ପ୍ରକାଶ କରିଛି ଯେ, ପରସ୍ଥିତି ଯଦି ନ ସୁଧୁରିବ ତେବେ ଆଉ ୪୦ଲକ୍ଷ ୟୁକ୍ରେନ ନାଗରିକ ପଡ଼ୋଶୀ ଦେଶରେ ଶରଣ ନେବାକୁ ବାଧ୍ୟ ହେବେ। ଏହି ସଂସ୍ଥାର ବୈଶ୍ୱିକ ରିପୋର୍ଟ ଅନୁଯାୟୀ ବିଗତ ୨୦ବର୍ଷ ଭିତରେ ଯେତିକି ଲୋକ ବିସ୍ଥାପିତ ହୋଇଥିଲେ ତା' ତୁଳନାରେ ବର୍ତମାନ ବିସ୍ଥାପନର ଦୁଃଖ ଦୁଇ ଗୁଣା ବୃଦ୍ଧି ପାଇଛି। ୨୦୧୯ ପର୍ଯ୍ୟନ୍ତ ବିସ୍ଥାପିତଙ୍କ ମୋଟ ସଂଖ୍ୟା ୪କୋଟି ୧୩ଲକ୍ଷ ଥିଲା।

ଆମେରିକା ତା'ର ବନ୍ଧୁରାଷ୍ଟ୍ର ବ୍ରିଟେନ ଆଉ ଫ୍ରାନ୍ସ ସହିତ ମିଶି ସିରିଆ ଉପରେ ମିଜାଇଲ ଆକ୍ରମଣ କରିଥିଲେ। ସିରିଆରେ ମହଜୁଦ ଥିବା ରସାୟନିକ ଅସ୍ତ୍ର ଭଣ୍ଡାରକୁ ନଷ୍ଟ କରିବା ପାଇଁ ୧୦୫ଟି ମିଜାଇଲ ଆକ୍ରମଣ କରାଯାଇଥିଲା। ଆମେରିକା, ବ୍ରିଟେନ ଆଉ ଫ୍ରାନ୍ସର ଏହି ମିଜାଇଲଗୁଡ଼ିକ ସିରିଆର ରାଜଧାନୀ ଦମିସ୍କ ଆଉ ହୋମସ ସହରମାନଙ୍କରେ ଆକ୍ରମଣ କରାଯାଇଥିଲା। ସେମାନଙ୍କ ଆକ୍ରମଣର ଲକ୍ଷ୍ୟ ବିଜ୍ଞାନ ଗବେଷଣାଗାର ଥିଲା। ମିଜାଇଲ ଆକ୍ରମଣ ପ୍ରଭାବରେ ଦମିସ୍କ ଧୂଆଁ ଦ୍ୱାରା ଆଚ୍ଛାଦିତ ହୋଇଯାଇଥିଲା। ପ୍ରାୟ ସାଢ଼େ ସାତବର୍ଷ ଧରି ଚାଲିଥିବା ସିରିଆ ଯୁଦ୍ଧରେ ୫ଲକ୍ଷରୁ ଅଧିକ ଲୋକ ମୃତ୍ୟୁ ବରଣ କରିଥିଲେ। ୧ କୋଟି ଲୋକ ଶରଣାର୍ଥୀ ରୂପେ ବିସ୍ଥାପନର ଦୁଃଖ ଭୋଗିଥିଲେ। ସେମାନଙ୍କ ମଧ୍ୟରୁ ୬୭ଲକ୍ଷ ଲୋକ ଆଜିବି ଅନେକ ଦେଶରେ ଶରଣାର୍ଥୀ ହୋଇ ଦିନ ବିତାଉଛନ୍ତି। ୨୦୧୫ରେ ସିରିଆରେ ସୃଷ୍ଟି ହୋଇଥିବା ଯୁଦ୍ଧ ହିଂସାରୁ ବଂଚିବା ପାଇଁ ଲକ୍ଷ ଲକ୍ଷ ଲୋକ ଜୀବନକୁ ବାଜି ଲଗାଇ ମହିଳାମାନଙ୍କ ସହ ଛୁଆମାନଙ୍କୁ ସାଥୀରେ ନେଇ ଭୂମଧ୍ୟସାଗର ପାର ହୋଇ ଗ୍ରୀସ ଆଉ ଇଟାଲିରେ ଶରଣ ନେଇଥିଲେ। ଏହି ଦୁଇଦେଶ ସେତେବେଳେ କହିଥିଲେ, ସମୟ ଆସିଛି ଶରଣାର୍ଥୀମାନଙ୍କୁ ଆଶ୍ରୟ ଦେବାର। ଏଥିପାଇଁ ମଧ୍ୟ ନୀତି ହେବା ଦରକାର। ଭେନେଜୁଆଲାରେ ରାଜନୈତିକ ଆଉ ଅର୍ଥନୈତିକ ଅସ୍ଥିରତା କାରଣରୁ ୪୦ଲକ୍ଷରୁ ଅଧିକ ଲୋକ ପଳାୟନ କରିଥିଲେ। ଏମାନଙ୍କ ମଧ୍ୟରେ ଅତିକଷ୍ଟରେ ୫ଲକ୍ଷ ଲୋକ ଔପଚାରିକ ରୂପେ ଶରଣାର୍ଥୀର ମାନ୍ୟତା ପାଇଛନ୍ତି। ଯୁଦ୍ଧ ଆଉ ଗୃହଯୁଦ୍ଧର ସ୍ଥିତି ଦେଖି ସବୁଠାରୁ ବେଶୀ ସିରିଆରେ ୬୭ଲକ୍ଷ, ଆଫଗାନିସ୍ତାନର ୨୭ଲକ୍ଷ, ଦକ୍ଷିଣ ସୁଦାନର ୨୩ଲକ୍ଷ, ମିଆଁମାରରେ ୧୧ଲକ୍ଷ ଏବଂ ସୋମାଲିଆରେ ୯ଲକ୍ଷ ଲୋକ ଶରଣାର୍ଥୀ ରୂପେ ବିଭିନ୍ନ ବିକଶିତ ଦେଶର ସୀମାନ୍ତ ଇଲାକାରେ ଶରଣ ନେଇଛନ୍ତି। ଭାରତରେ ବାଂଲାଦେଶ ଆଉ ମିଆଁମାରର ଗୃହଯୁଦ୍ଧରୁ ପଳାୟନ କରିଥିବା ପ୍ରାୟ ୪କୋଟି ଲୋକମାନେ ଅନୁପ୍ରବେଶ କରିଛନ୍ତି। ଜର୍ମାନୀ ସବୁଠାରୁ ବେଶୀ ବିସ୍ଥାପିତମାନଙ୍କୁ ଶରଣ ଦେଇଥିଲା।

ୟୁକ୍ରେନର ଏନଏଚସିଆର ପ୍ରତିନିଧି କୈରୋଲିନା କହିଛନ୍ତି ଯେ, ଦୁନିଆ ସେହି ଲୋକମାନଙ୍କ ସଂଖ୍ୟା ଉପରେ ଦୃଷ୍ଟି ଦେଉଛି, ଯେଉଁମାନେ ପଡ଼ୋଶୀ ଦେଶରେ ଶରଣ ନେଇଛନ୍ତି, କିନ୍ତୁ ସେମାନଙ୍କୁ ବୁଝିବା ଦରକାର, ପ୍ରଭାବିତ ହୋଇଥିବା ସବୁଠାରୁ ବଡ଼ସଂଖ୍ୟା ୟୁକ୍ରେନ ଭିତରେ ମଧ୍ୟ ରହିଛନ୍ତି। ଲକ୍ଷାଧିକ ଲୋକ ପ୍ରାଣ ବଞ୍ଚାଇବା ପାଇଁ ରେଳ, ବସ, କାର ଆଉ ବଙ୍କରମାନଙ୍କ ଭିତରେ ରହିବାର ପ୍ରୟାସ କରୁଛନ୍ତି।

ଜାତିସଂଘ ଶରଣାର୍ଥୀ ସଂସ୍ଥାର ୨୦୧୯ରେ ମିଳିଥିବା ରିପୋର୍ଟ ମୁତାବକ ମୋଟ ୭କୋଟି ୯୫ଲକ୍ଷ ବିସ୍ଥାପିତମାନଙ୍କ ମଧ୍ୟରୁ ୪କୋଟି ୫୭ଲକ୍ଷ ସାମ୍ପ୍ରଦାୟିକ, ଭେଦଭାବ ନୀତି, ଜାତିଗତ ହିଂସା, ପରିବେଶ ତଥା ପ୍ରାକୃତିକ ବିପତି କାରଣରୁ ନିଜ ଦେଶ ମଧ୍ୟରେ ହିଁ ବିସ୍ଥାପନର କଷ୍ଟ ସହି ଆସୁଛନ୍ତି। ଏହାକୁ ବିଡ଼ମ୍ବନା କୁହାଯିବ ଯେ ଶକ୍ତିଶାଳୀ ଦେଶମାନେ ଦୁର୍ବଳ ଦେଶମାନଙ୍କ ଉପରେ ଯୁଦ୍ଧକୁ ଥୋପି ଦେଇ ଲକ୍ଷାଧିକ ଲୋକଙ୍କୁ ଶରଣାର୍ଥୀର ଅଭିଶପ୍ତ ଜୀବନ ଜିଇଁବା ପାଇଁ ବାଧ୍ୟ କରୁଛନ୍ତି। ଏହା ସତ ଯେ ବିକଶିତ ଦେଶମାନେ ନିଜର ପ୍ରତିଷ୍ଠା ପାଇଁ ଯୁଦ୍ଧର ବାତାବରଣ ସୃଷ୍ଟି କରିଥାନ୍ତି, ଯେମିତି ଆମେ ୟୁକ୍ରେନ କ୍ଷେତ୍ରରେ ଆମେରିକା ଆଉ ରୁଷର ପ୍ରତିଷ୍ଠାର ଲଢ଼େଇ ଦେଖୁଛୁ। କିନ୍ତୁ ଏହାର ଫଳ ଭୋଗୁଛନ୍ତି ନିରୀହ ଜନତା। ଆମେରିକା ହିଁ ୧୯୯୩ ପର୍ଯ୍ୟନ୍ତ ତୃତୀୟ ପରମାଣୁ ଶକ୍ତି ଥିବା ଦେଶ ୟୁକ୍ରେନଠାରୁ ୧୯୯୪ରେ ବୁଡ଼ାପେଷ୍ଟ ପରମାଣୁ ଅସ୍ତ୍ର ନିୟନ୍ତ୍ରଣ ସନ୍ଧିରେ ହସ୍ତାକ୍ଷର କରାଇ ତାହାର ସମସ୍ତ ପରମାଣୁ ଅସ୍ତ୍ରକୁ ସମୁଦ୍ରରେ ନଷ୍ଟ କରାଇ ଦେଇଥିଲା। ଆମେରିକା ଆଉ ବ୍ରିଟେନ ମିଶି ୟୁକ୍ରେନକୁ ଏହି ବୁଝାମଣା ପାଇଁ ରାଜି କରାଇଥିଲେ ଆଉ ଏହି ଦେଶମାନଙ୍କ ସହିତ ରୁଷ ମଧ୍ୟ ସହମତି ପ୍ରକାଶ କରି ୟୁକ୍ରେନର ସୁରକ୍ଷା ପାଇଁ ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ ଥିଲା। କିନ୍ତୁ ବର୍ତମାନ ରୁଷ ସିଧା ୟୁକ୍ରେନ ଉପରେ ଆକ୍ରମଣ କରିଛି। ଆମେରିକା ଆଉ ବ୍ରିଟେନ ଦୂରରେ ଠିଆ ହୋଇ ତାମସା ଦେଖୁଛନ୍ତି।

# ‘ମହିଳାଙ୍କୁ ସ୍ୱାବଲମ୍ବୀ କରିବାରେ ସୁଭଦ୍ରା’ ଯୋଜନା ସହାୟକ ହେଉଛି: ମୁଖ୍ୟମନ୍ତ୍ରୀ




ବାରିପଦା, : ଆମେ ଦେଇଥିବା କଥା ରଖିଛୁ ଏବଂ ମା’ମାନଙ୍କୁ ‘ସୁଭଦ୍ରା’ ଯୋଜନାରେ ଟଙ୍କା ପ୍ରଦାନ କରିଛୁ। ବହୁ ପ୍ରତୀକ୍ଷିତ ‘ସୁଭଦ୍ରା’ ଯୋଜନାର ସଫଳ ରୂପାୟନ କରିଛୁ। ମହିଳାଙ୍କୁ ସ୍ୱାବଲମ୍ବୀ କରିବାରେ ଏହା ସହାୟକ ହେଉଛି। ଏହା କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଡିବିଟି ମାଧ୍ୟମରେ ଦ୍ୱିତୀୟ ପର୍ଯ୍ୟାୟରେ ବାରିପଦାରେ ରାଜ୍ୟର ୪୦ଲକ୍ଷ ରୁ ଅଧିକ ମହିଳାଙ୍କୁ ଟଙ୍କା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ମୁଖ୍ୟମନ୍ତ୍ରୀ ବଟନ୍ ଟିପି ଏହି ଟଙ୍କା ପଠାଇଛନ୍ତି। ଏଯାଏ ୬୦ ଲକ୍ଷରୁ ଉର୍ଦ୍ଧ୍ୱ ମହିଳାଙ୍କୁ ଏହି ଯୋଜନାର ଲାଭ ମିଳିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆହୁରି କହିଛନ୍ତି, ବିଜେଡି ସରକାର ଖାଲି ସ୍ଲୋଗାନରେ ସୀମିତ ଥିଲା। ନାରୀ ସଶକ୍ତିକରଣ ଲାଗି ମିଛ ପ୍ରଚାରରେ ମାତିଥିଲା ବିଜେଡି। ଏଣେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ପ୍ରଶଂସା କରିବା ସହ ଡବଲ ଇଞ୍ଜିନ ସରକାରର ଫାଇଦା ଓଡ଼ିଶାବାସୀଙ୍କୁ ମିଳୁଛି ବୋଲି କହିଛନ୍ତି। ବାରିପଦାର ଛଉ ପଡ଼ିଆରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ମୁଖ୍ୟମନ୍ତ୍ରୀ ‘ସୁଭଦ୍ରା’ ଟଙ୍କା ପଠାଇଛନ୍ତି । ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ମୟୂରଭଞ୍ଜ ସାଂସଦ ନବ ଚରଣ ମାଝୀ, ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀ, ନଗର ଉନ୍ନୟନ ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଅଛନ୍ତି। ଶ୍ରୀ ମାଝୀ ବାରିପଦାର ଆରପିଜିରେ ରହିଥିବା ଅସ୍ଥାୟୀ ହେଲିପ୍ୟାଡରେ ହେଲିକାପ୍ଟର ଯୋଗେ ପହଞ୍ଚିଥିଲେ। ସେଠାରୁ ବାରିପଦା ପୌରାପରିଷଦକୁ ଯାଇ ସେଠାରେ ବରପୁତ୍ର ଗୋପବନ୍ଧୁ ଦାସଙ୍କ ସହ ଅନ୍ୟ ବରପୁତ୍ରଙ୍କ ପ୍ରତିମୂର୍ତ୍ତିଙ୍କୁ ସମ୍ମାନ ଜଣାଇବା ପରେ ଛଉ ପଡ଼ିଆକୁ ଯାଇଥିଲେ।ଏହି ଅବସରରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି, ସୁଭଦ୍ରା ଏକ ଯୁଗାନ୍ତକାରୀ ଯୋଜନା। ଏହା ଓଡ଼ିଶାର ସବୁଠାରୁ ବଡ଼ ଯୋଜନା।

# ପରାଜୟକୁ ଆମେ ଗୁରୁତ୍ୱର ସହ ବିଚାର କରୁଛୁ: ଗେହଲୋଟ



ନୂଆଦିଲ୍ଲୀ, : ହରିୟାଣା ବିଧାନସଭା ନିର୍ବାଚନରେ କଂଗ୍ରେସର ପରାଜୟକୁ ନେଇ ପ୍ରତିକ୍ରିୟା ପ୍ରକାଶ କରି ପୂର୍ବତନ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ତଥା ହରିୟାଣା ନିର୍ବାଚନ ପାଇଁ କଂଗ୍ରେସର ବରିଷ୍ଠ ପର୍ଯ୍ୟବେକ୍ଷକ ଅଶୋକ ଗେହଲୋଟ୍ କହିଛନ୍ତି ଯେ ଏହାକୁ ଗୁରୁତ୍ୱର ସହ ନିଆଯାଉଛି। ସେ କହିଛନ୍ତି ଯେ ସମଗ୍ର ରାଜ୍ୟ କହୁଥିଲା ଯେ କଂଗ୍ରେସ ଜିତିବ ଏବଂ ତା’ପରେ ବିପରୀତ ଫଳାଫଳ କିପରି ଘଟିଲା। ଏ ସମ୍ପର୍କରେ କର୍ମୀଙ୍କ ମଧ୍ୟରେ ଆଶଙ୍କା ରହିଛି। ଦିଲ୍ଲୀରେ କଂଗ୍ରେସ ବୈଠକରେ ଯୋଗଦେବା ପରେ ଅଶୋକ ଗେହଲୋଟ୍ ଗଣମାଧ୍ୟମକୁ ଏହା କହିଛନ୍ତି। ଅଶୋକ ଗେହଲୋଟ୍ କହିଛନ୍ତି ଯେ ଏହି ପରାଜୟକୁ ଗୁରୁତର ସହ ବିଚାର କରାଯାଉଛି । କଂଗ୍ରେସ ଦ୍ୱାରା ସରକାର ଗଠନ ହେବାକୁ ଯାଉଛି ବୋଲି ସମଗ୍ର ଗଣମାଧ୍ୟମ, ଏକଜିଟ୍ ପୋଲ୍ ଏବଂ ସାଧାରଣ ଜନତା କହୁଥିଲେ । ଏହା ପରେ, ଫଳାଫଳଗୁଡିକ ଓଲଟା ହେବାର କାରଣଗୁଡିକ କ’ଣ ଥିଲା ଖଡ଼ଗେ ସାହେବ ଏବଂ ରାହୁଲ ଜୀ ଏହାକୁ ଗମ୍ଭୀରତାର ସହ ନେଇଛନ୍ତି। ବରିଷ୍ଠ ପର୍ଯ୍ୟବେକ୍ଷକ ଏବଂ ସଚିବଙ୍କୁ ଡକାଯାଇଥିଲା ଏବଂ ଆଲୋଚନା ଖୋଲାଖୋଲି ଭାବରେ ହୋଇଥିଲା। ଏକ ଜାତୀୟ ଦଳ ଯାହାର ବିଜୟକୁ ନେଇ ସମଗ୍ର ଦେଶ ଏବଂ ରାଜ୍ୟବାସି ଆଶାବାଦୀ ଥିଲେ । ଫଳାଫଳଗୁଡିକ ଓଲଟା ହେବାର କାରଣ କ’ଣ ଥିଲା ଆମ କର୍ମୀଙ୍କ ମନରେ ଆଶଙ୍କା ଅଛି । ସେ ଆହୁରି ମଧ୍ୟ କହିଛନ୍ତି, “ସାଧାରଣ ଲୋକଙ୍କ ହୃଦୟରେ ମଧ୍ୟ ଆଶଙ୍କା ରହିଛି। ଇଭିଏମ୍ ଏହାର କାରଣ ହୋଇଥାଇପାରେ କିମ୍ବା ପରିସ୍ଥିତି ଅନ୍ୟ କିଛି ହୋଇଥାଇପାରେ । ଆମେ ନିର୍ବାଚନ ଆୟୋଗଙ୍କୁ ଭେଟି ଆମର ଆଶଙ୍କା ଦୂର କରିବାକୁ କହିଲୁ।

# କଂଗ୍ରେସର ମିଶନ ଦିଲ୍ଲୀ: ନ୍ୟାୟ ଯାତ୍ରା ଆରମ୍ଭ କରିବେ ରାହୁଲ



ନୂଆଦିଲ୍ଲୀ: ଜମ୍ମୁ-କଶ୍ମୀର ଏବଂ ହରିୟାଣା ପରେ ରାହୁଲ ଗାନ୍ଧୀ ଏବେ ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଅକ୍ଟୋବର ୨୩ ରୁ ସେ ଦିଲ୍ଲୀରେ କଂଗ୍ରେସର ‘ନ୍ୟାୟ ଯାତ୍ରା’ ଆରମ୍ଭ କରିବେ। ଏହି ଯାତ୍ରାରେ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଏବଂ ମଲ୍ଲିକାର୍ଜୁନ ଖଡ୍‌ଗେ ମଧ୍ୟ ଅଂଶଗ୍ରହଣ କରିବେ। ଦିଲ୍ଲୀର ପାର୍ବଣକୁ ଧ୍ୟାନରେ ରଖି ଏହି ଯାତ୍ରା ଚାରିଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ। ସୂଚନାନୁସାରେ, କଂଗ୍ରେସ ଦଳ ତିନିଥର ଜିତିଥିବା ବିଜେପି ସାଂସଦଙ୍କ ବିଫଳତାକୁ ଏହି ଯାତ୍ରା ସମୟରେ ନିର୍ବାଚନୀ ପ୍ରସଙ୍ଗ କରିବ। ଏହା ବ୍ୟତୀତ କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସରକାର, ଉପରାଜ୍ୟପାଳ (ଏଲଜି) ଏବଂ ଆପ୍ ସରକାରଙ୍କ ବି ?ରୋଧରେ କଂଗ୍ରେସ ମଧ୍ୟ ପ୍ରସଙ୍ଗ ଉଠାଇବ। ଏହା ସହିତ ଶୀଲା ଦୀକ୍ଷିତଙ୍କ ସମୟକୁ ମନେ ପକାଇବ। ଏହା ବ୍ୟତୀତ ଆମ୍ ଆଦମୀ ପାର୍ଟି (ଆପ୍) ଏବଂ କେଜ୍ରିୱାଲ ସରକାରଙ୍କ ଉପରେ ମଦ ନୀତି, ଦୁର୍ନୀତି ଏବଂ ବିକାଶ ବିରୋଧୀ ଅଭିଯୋଗ ମଧ୍ୟ ଜୋରଦାର ଉଠାଯିବ। ହାତ ଝୁମୁକା ସରକାର ବୋଲି କହି ଆପ୍ ସରକାର ଆକ୍ରମଣ କରାଯିବ। ପଞ୍ଜାବ ଏବଂ ହରିୟାଣା ପରେ ଏବେ ଦିଲ୍ଲୀରେ ଆପ୍ ସହିତ କୌଣସି ମେଣ୍ଟ ହେବ ନାହିଁ ବୋଲି କଂଗ୍ରେସ ନିଷ୍ପତ୍ତି ନେଇଛି। କଂଗ୍ରେସ ପକ୍ଷରୁ ଦିଲ୍ଲୀରେ ଆପ୍ ସରକାରଙ୍କ ବିରୋଧରେ ପ୍ରାୟ ଏକ ଡଜନ ପ୍ରଦର୍ଶନୀ ଏବଂ କେସ୍ ଷ୍ଟଡି ଉପସ୍ଥାପନ କରିବ, ଯାହା ଦ୍ୱାରା ଜନସାଧାରଣଙ୍କୁ ଏହି ବିଷୟରେ ଅବଗତ କରାଯାଇପାରିବ। ତେବେ ଦଳ ସ୍ପଷ୍ଟ କରିଛି ଯେ କେନ୍ଦ୍ରରେ କେଜ୍ରିୱାଲଙ୍କ ଆପ୍ ସହିତ କଂଗ୍ରେସ ଇଣ୍ଡିଆ ମେଣ୍ଟର ଅଂଶ ରହିବ। ଯେତେବେଳେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ପଦରୁ ଇସ୍ତଫା ଦେଇଥିଲେ, ସେତେବେଳେ ସେ ନଭେମ୍ବରରେ ମହାରାଷ୍ଟ୍ର ଏବଂ ଝାଡଖଣ୍ଡର ବିଧାନସଭା ନିର୍ବାଚନ ସହିତ ଦିଲ୍ଲୀରେ ନିର୍ବାଚନ ଦାବି କରିଥିଲେ।

# ଲୋକେ ବିକାଶର କାର୍ଯ୍ୟକ୍ରମ ପାଇଁ ନବୀନଙ୍କ ସହ ଯୋଡି ହେଲେ : ବିଜେଡି



ଭୁବନେଶ୍ୱର, : ମହାପୁରୁଷ ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପବିତ୍ର ଜୟନ୍ତୀ ଅବସରରେ ବିଜୁ ଜନତା ଦଳ (ବିଜେଡ଼ି) ବୁଧବାର ଠାରୁ ସଭ୍ୟ ସଂଗ୍ରହ ଅଭିଯାନ ଆରମ୍ଭ କରିଛି। ସ୍ଥାନୀୟ ଶଙ୍ଖ ଭବନରେ ଆୟୋଜିତ ଏକ ଭବ୍ୟ କାର୍ଯ୍ୟକ୍ରମରେ ଦଳୀୟ ସୁପ୍ରିମୋ ନବୀନ ପଟ୍ଟନାୟକ ଏହାକୁ ଶୁଭାରମ୍ଭ କରିଛନ୍ତି। ଶଙ୍ଖ ଭବନରେ ବିଜେଡି ସଭାପତି ନବୀନ ପଟ୍ଟନାୟକ ଏହାର ଶୁଭାରମ୍ଭ କରି ପ୍ରଥମ ସଦସ୍ୟ ହୋଇଛନ୍ତି । ବିଜେଡିର ସଦସ୍ୟ ସଂଗ୍ରହ ଅଭିଯାନକୁ ନେଇ ବିଜେଡି କହିଛି ଲୋକେ ବିକାଶର କାର୍ଯ୍ୟକ୍ରମ ପାଇଁ ନବୀନ ପଟ୍ଟନାୟକଙ୍କ ସହ ଯୋଡି ହୋଇଛନ୍ତି ବୋଲି ବିଜେଡି କହିଛି । ବିଜେଡି ଶକ୍ତିଶାଳୀ ଆଞ୍ଚଳିକ ଦଳ । ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଦୀର୍ଘ ଦିନରୁ ଓଡ଼ିଶାବାସୀଙ୍କ ସେବା କରି ଆସୁଛି । ଆଜିର ପବିତ୍ର ଦିନରେ ନବୀନ ସଭ୍ୟ ସଂଗ୍ରହ ଅଭିଯାନ ଆରମ୍ଭ କଲେ । ସବୁ ଜିଲ୍ଲା ଏହି ସଦସ୍ୟ ସଂଗ୍ରହ ଅଭିଯାନ ଆରମ୍ଭ ହେଲା । ନବୀନଙ୍କ ସହ ତିନି ହଜାର ଲୋକ ଅନଲାଇନରେ ବିଭିନ୍ନ ସ୍ଥାନରେ ସଦସ୍ୟ ହେଲେ । ଏହି ଅଭିଯାନ ଆଗାମୀ ଦୁଇ ମାସ ଧରି ଫିଜିକାଲି ଓ ଡିଜିଟାଲି ହେବ । ଏହାକୁ ଦଳର ନେତା ଆଗେଇନେବେ ବୋଲି ବିଜେଡି ସୂଚନା ଦେଇଛି । କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ, ବିଧାୟକ, ଦଳର ବରିଷ୍ଠ ନେତାଙ୍କ ସମେତ ସବୁ ଜିଲ୍ଲାରୁ ଭର୍ଚୁଆଲ ମାଧ୍ୟମରେ କର୍ମୀମାନେ ଉପସ୍ଥିତ ରହିଥିଲେ। ବିଜେଡି ଉଭୟ ଫିଜିକାଲ ଓ ଡିଜିଟାଲ ମାଧ୍ୟମରେ ସଭ୍ୟ ସଂଗ୍ରହ କରିବାକୁ ଲକ୍ଷ୍ୟ ରଖିଛି। ଛାତ୍ର ଓ ଯୁବଙ୍କୁ ଫୋକସ୍ ?ରେ ରଖିଛି। ଶାରଦୀୟ ପୂଜା ପରେ ସଭ୍ୟ ସଂଗ୍ରହ ଅଭିଯାନକୁ ଅଧିକ ତ୍ୱରାନ୍ୱିତ କରାଯିବ ବୋଲି ବିଜେଡି କହିଛି। ପୂର୍ବରୁ ୧ କୋଟି ପ୍ରାଥମିକ ସଦସ୍ୟ ଓ ୩ ଲକ୍ଷ ୪୦ ହଜାର ସକ୍ରିୟ ସଦସ୍ୟ ବିଜେଡି ସହ ଯୋଡି ହୋଇଥିଲେ। ଏଥର ଦଳ ଲକ୍ଷ୍ୟ ରଖିଛି ଯେ, କୋଟିଏ ସଦସ୍ୟ ସଂଗ୍ରହ କରିବ। କାର୍ଯ୍ୟକ୍ରମର ଶୁଭାରମ୍ଭ ଅବସରରେ ବିଜେଡି ସଭାପତି ଶ୍ରୀ ପଟ୍ଟନାୟକ କହିଛନ୍ତି, ମୋବାଇଲ ମିସ୍ଡ କଲ୍ ମେମ୍ବରସିପ୍ ଅଭିଯାନ ଠାରୁ ଦଳ ବହୁ ଦୂରରେ ରହିବ। ଦଳର କର୍ମୀମାନେ ଲୋକଙ୍କୁ ଯିବେ। ବିଜେଡି ସରକାର ଆରମ୍ଭ କରିଥିବା ବିକାଶ ଓ କଲ୍ୟାଣକାରୀ ଯୋଜନାରୁ ଓଡ଼ିଶାବାସୀଙ୍କୁ କେହି ବଞ୍ଚିତ କରିପାରିବେ ନାହିଁ। ଭାରତ ସରକାର ବି ଆମର ଅନେକ ଯୋଜନା ଅନୁକରଣ କରିଛନ୍ତି। ବିଜୁ ଜନତା ଦଳ ଓଡ଼ିଶାବାସୀଙ୍କ ହୃଦୟରେ ଅଛି। ଓଡ଼ିଶାର ଗୌରବ ପାଇଁ ନିଷ୍ଠାର ସହ କାମ କରିଚାଲିଛି ବୋଲି ସଭାପତି କହିଛନ୍ତି। ଶ୍ରୀ ପଟ୍ଟନାୟକ ସେବା, ସ୍ୱାଭିମାନ ଓ ସଂଗ୍ରାମ ଆମ ଆଦର୍ଶ। ଏହାକୁ ପାଥେୟ କରି ଲୋକଙ୍କ ଘରକୁ ଯାଇ ଦଳରେ ସାମିଲ କରିବା ପାଇଁ ଆହ୍ୱାନ କରିଛନ୍ତି। ଏଥିସହିତ ଓଡ଼ିଶା ବାହାରେ ରହୁଥିବା ଓଡ଼ିଆମାନେ ଅନଲାଇନ୍ ଜରିଆରେ ଦଳରେ ସାମିଲ ହେବା ପାଇଁ ସଭାପତି ଆମନ୍ତ୍ରଣ କରିଛନ୍ତି। ଦଳର ପ୍ରଥମ ସଭ୍ୟ ନିଜେ ନବୀନ ହୋଇଛନ୍ତି। ଏକାମ୍ରରୁ ରାଜ୍ୟର ପ୍ରଥମ ସଦସ୍ୟ ହୋଇଛନ୍ତି। ଶଙ୍ଖ ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ନିଜ ସଦସ୍ୟତା ନେଇ ଅଭିଯାନର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ନବୀନ କହିଛନ୍ତି, ‘ସଦସ୍ୟତା ଅଭିଯାନ ଗୋଟେ ରାଜନୈତିକ ଦଳ ପ୍ରମୁଖ କାର୍ଯ୍ୟକ୍ରମ। ଏହା ଦଳକୁ ଅଧିକ ମଜଭୁତ କରେ। ମୁଁ ଚାହେଁ ଆମ ଦଳର ସକ୍ରିୟ ସଦସ୍ୟମାନେ ପ୍ରତି ଘରକୁ ଯାଆନ୍ତୁ। ଆମ ସରକାର ସମୟର କାମକୁ ପ୍ରତି ଘର ସହ ଦେଶବିଦେଶରେ ପହଞ୍ଚାନ୍ତୁ। ବିଜେଡି ସରକାର ସମୟରେ ବହୁତ ଭଲ କାମ ହୋଇଛି।

# କାଶୀପୁର ବ୍ଲକ ଅଧିକାରୀଙ୍କୁ ମନରେଗା ଦୁର୍ନୀତି ଚକ୍ରାନ୍ତରେ ଚାଲିଛି ଷଡଯନ୍ତ୍ର

ରାୟଗଡା : ରାୟଗଡା ଜିଲ୍ଲା କାଶୀପୁର ବ୍ଲକ ସମଗ୍ର ଓଡିଶା ରେ ଏକ ଅନନ୍ନୟତ ବ୍ଲକ ମଧ୍ୟରେ ଅନ୍ୟତମ ବ୍ଲକ ଅଧିକାରୀଙ୍କ ବାରମ୍ଵାର ଅଦଳବଦଳ ହେତୁ ବାଧକ ସାଜିଛି ବିକାଶ। । କିଛି ଦିନ ଧରି ମନରେଗା ଦୁର୍ନୀତି କୁ କେନ୍ଦ୍ର କରି କାଶୀପୁର ବ୍ଲକ ବେଶ ଚର୍ଚାରେ। ଗତ ୫ ବର୍ଷ ମଧ୍ୟରେ ବାରମ୍ବାର ବ୍ଲକ ଅଧିକାରୀ ମାନଙ୍କୁ ଅଦଳବଦଳ କରାଯାଉଥିବା ବେଳେ ବର୍ତମାନ କାଶୀପୁର ବ୍ଲକ ରେ ସମସ୍ତ ଉନ୍ନତ ମୂଳକ କାର୍ଯ୍ୟ ଧୀର ମନ୍ଥର ଦିଗରେ ଚାଲି ଥିବା ଦେଖିବାକୁ ମିଳୁଛି।ମୁଖ୍ୟ ବିଷୟ ହେଲା କିଛି ଦିନତଳେ ବିଭିନ୍ନ ଗଣମାଧ୍ୟମ ଖବର କାଗଜରେ କାଶୀପୁର ବିଡ଼ିଓ କେଉଁଠି ମନରେଗା ଦୁର୍ନୀତି କୁ ପ୍ରଶହନା ଦେଇଥିବା ଭଳି ଖବର ପ୍ରସାର ହୋଇଥିବା ଦେଖିବାକୁ ମିଳିଥିଲା।କିନ୍ତୁ କାଶୀପୁର ମନରେଗା ଦୁର୍ନୀତିର ପ୍ରକୃତ ଯୋଡର ତଦନ୍ତକୁ ଦିଗ ହରା କରି କେବଳ ବ୍ଲକ ଅଧିକାରୀ ଅମୃତ ରାଉଳଙ୍କୁ ଏକ ଷଡଯନ୍ତ୍ର ରେ ଛନ୍ଦି ଦିଆ ଯାଇଥିବା ଭଳି ଜଣାପଡୁଛି । ଯେହେତୁ ସମସ୍ତ ମନରେଗା ଦୁର୍ନୀତି ର ଷଡଯନ୍ତ୍ର ର ସାରାଂସ ଗତ ତା




୨୭/୫/୨୦୨୪ ରେ ବ୍ଲକ କାର୍ଯାଳୟ ମନରେଗା ପ୍ରକୋଷ୍ଟରେ ରଚନା କରାଯାଇଥିଲା ବୋଲି ଏକ ୧୮୦୦୦୦ ଟଙ୍କାର ଏକ ସିମେଣ୍ଟ ବିଲ ଭାଉଚର ଜରିଆରେ ସ୍ୱଷ୍ଟ ହୋଇଅଛି । ବ୍ଲକ ଅଧିକାରୀ ସମେତ ସମସ୍ତ କର୍ମଚାରୀ ଉପୋମୁଖ୍ୟ ମନ୍ତ୍ରୀଙ୍କ କାଶୀପୁର ଗସ୍ତ ରେ ବ୍ୟସ୍ତତା ଥିବାର ସୁଯଗ ନେଇଁ ଇଟଙ୍ଗ ସେକ୍ସନ ମନରେଗା ପ୍ରକୋଷ୍ଟର କାର୍ଯ୍ୟରତ କର୍ମଚାରୀ ମାନେ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଏବଂ କିଛି ବ୍ୟବସାୟିକ ( ଭେଣ୍ଡର ଧାରୀ ) ବେସରକାରୀ ବ୍ୟକ୍ତିବିଶେଷ ଙ୍କ ମିଳିଭୋଗତ ରେ କୋଟିଏ ରୁ ଉର୍ଦ୍ଧ ଅର୍ଥ ହଡପ କରାଯାଇଥିବା ଖବର ପଦାରେ ପଡିଛି। ପ୍ରକାଶ ଥାଉକି ୨୦୧୭/୧୮ଆର୍ଥିକ ବର୍ଷ ଠାରୁ ୨୦୨୩/୨୪ଆର୍ଥିକ ବର୍ଷ ପର୍ଯ୍ୟନ୍ତ ପ୍ରାୟ ୧୨ ଗୋଟି ପଞ୍ଚାୟତ ଅଧିନସ୍ତରେ ର ଯେଉଁ ମନେରେଗା କାର୍ଯ୍ୟ ରେ କ୍ୟାଶରେକର୍ଡ ଖଲା ଯାଇଥିଲା ତାହାର ଲେବର ପେମେଣ୍ଟ ହେବା ପରେ ମେଟେରିଆଲ ରାଶି ସ୍ଥଗିତ ଥିଲା ଉକ୍ତ କ୍ୟାଶରେକର୍ଡ ଫାଇଲ ରେ ମେଟେରିଆଲ ବିଲ ନିମନ୍ତେ ବ୍ଲକ ବିଡ଼ିଓ କିମ୍ଵା କୌଣସି ଯନ୍ତ୍ରୀଙ୍କ ଦସ୍ତଖତ ହୋଇ ନାହିଁ। ଏକ ବିଶେଷ ନିୟମ ଅନୁଯାୟୀ କିଛି ବର୍ଷ ହେବ ପଞ୍ଚାୟତ ଅଧୀନରେ ଖଲାଯାଉଥିବା ମନରେଗା କ୍ୟାଶରେକର୍ଡ ରେ ବ୍ଲକ ଅଧିକାରୀ ଓ ଯନ୍ତ୍ରୀଙ୍କ ଦସ୍ତଖତ ଆବଶ୍ୟକ ହେଉ ନ ଥିବାବେଳେ ଏହାର ସୁଯଗ ପାଇ ପଞ୍ଚାୟତ ନିର୍ବାହୀ ଅଧିକାରୀ ମାନେ ସରପଞ୍ଚ ମାନଙ୍କ ଠାରୁ ପ୍ରଧାନମନ୍ତ୍ରୀ ଆବାସ ଯଜନା ରେ ମିଳୁଥିବା ମନରେଗା ଟଙ୍କା ହିତାଧିକାରୀଙ୍କୁ ଛଡ଼ାଯିବ କହି ତାଙ୍କ ଠାରୁ ଉଇଉ ଡଙ୍ଗଲ ସଂଗ୍ରହ କରାଯଇଛି ଏବଂ ସରପଞ୍ଚଙ୍କ ଉଇଉ ଡ଼ଙ୍ଗଲ ଜରିଆରେ ମନରେଗା ଟଙ୍କା ଚଳୁ କରି ନିଆଯାଇ ଥିବା କିଛି ସରପଞ୍ଚ ପ୍ରକାଶ କରିଛନ୍ତି।ଅନ୍ୟପଟେ ମନରେଗା ଦୁର୍ନୀତି ଘଟଣାରେ ଜିଲ୍ଲାପାଳଙ୍କ ଅଧୀନରେ ଏକ ସ୍ୱତନ୍ତ୍ର ଦଳ ତଦନ୍ତ ଜାରି ରଖିଛି ଏବଂ ସେ ସ୍ୱୟଂ ବ୍ଲକ ଅଧିକାରୀ ତେଣୁ ଘଟଣାର ଉତ୍ତର ଦାଈ ହୋଥିବା ବେଳେ ତଦନ୍ତ କାରି ଦଳକୁ ପୂର୍ଣ୍ଣ ସହଯୋଗ କରି ଆସୁଛନ୍ତି ବୋଲି ବିଡ଼ିଓ ଅମୃତ ରାଉଳ ଗଣମାଧ୍ୟମରେ ପ୍ରକଶ କରିଛନ୍ତି।ସମ୍ପୃକ୍ତ ଘଟଣାର ନିରପେକ୍ଷ ତଦନ୍ତ ର ଆବଶ୍ୟକ ବୋଲି କାଶୀପୁର ବ୍ଲକ ଗଣମାଧ୍ୟମ ପ୍ରତିନିଧି ମାନେ ରାୟଗଡା ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ବୈଠକ ରେ ୬୦ ପତ୍ର ବିଶିଷ୍ଟ ମନରେଗା ଦୁର୍ନୀତି ର ପ୍ରମାଣ ସ୍ୱରୂପ କାଗଜାତ ଜିଲ୍ଲାପାଳଙ୍କୁ ହସ୍ତାନ୍ତର କରାଯାଇଥିଲା।କିନ୍ତୁ ଏ ଯାବତୀୟ ରାୟଗଡା ଜିଲ୍ଲାପାଳଙ୍କ ଅଧିନସ୍ଥ କେଉଁ ପ୍ରକାର ବିଚାର ବିମର୍ଶ ରେ ସ୍ଥଗିତ ଅଛି ତାହା ତୁରନ୍ତ ନିରପେକ୍ଷ ଭାବେ ଉଚ୍ଚ ସ୍ତରୀୟ ତଦନ୍ତ ହେବା ସହ ଦୁର୍ନୀତି ଗ୍ରସ୍ତ ଅଧିକାରୀ ସମେତ କର୍ମଚାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବ୍ଲକ ଗଣମାଧ୍ୟମ ପ୍ରତିନିଧି ମାନେ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିଲେ।

# କୋକସରା ବ୍ଲକର ଯୁଗ୍ମ ଅଭିଯୋଗ ଶୁଣାଣିରେ ଡ୍ରେନ୍ ସଫାସୁତୁରା ପାଇଁ ଅଭିଯୋଗ

କଳାହାଣ୍ଡି : ଜିଲ୍ଲାପାଳ ସଚିନ ପାୱାର ଜିଲ୍ଲାର ବିଭିନ୍ନ ସମସ୍ୟା କୁ ସମାଧାନ କରିବା ପାଇଁ ପ୍ରତ୍ୟେକ ବ୍ଲକ୍ ରେ ଯୁଗ୍ମ ଅଭିଯୋଗ



ଶୁଣାଣି ଓ ସମାଧାନ ଶିବିର ଆୟୋଜନ ମାଧ୍ୟମରେ ଜିଲ୍ଲା ସ୍ତରୀୟ ଏବଂ ବ୍ଲକ ସ୍ତରୀୟ ସମସ୍ତ ଉଚ୍ଚ ପଦାଧିକାରୀ ମାନଙ୍କ ଉପସ୍ଥିତିରେ ଆୟୋଜିତ ଶିବିରରେ ଲୋକମାନଙ୍କ ବିଭିନ୍ନ ସମସ୍ୟା ଗ୍ରହଣ କରୁଛନ୍ତି। କିନ୍ତୁ ଏହି ପରିପ୍ରେକ୍ଷୀରେ ସୋମବାର ୨୩ ତାରିଖ ଦିନ କୋକସରା ପଞ୍ଚାୟତ ସମିତି କାର୍ଯାଳୟ ଠାରେ ୧୦୮ଟି ଅଭିଯୋଗ ମଧ୍ୟରୁ ଅଭିଯୋଗ ଦରଖାସ୍ତ ସଂଖ୍ୟା ୮୦ ରେ କାଉଡୋଳା ଗ୍ରାମପଞ୍ଚାୟତ କାଉଡୋଳା ଗ୍ରାମର ହରିଜନ ପଡା ଠାରୁ ସତନାମି ପଡା ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱର ଡ୍ରେନ୍ ରେ ଅଳିଆ ଆବର୍ଜନା ଭରିରହି ଥିବାରୁ ଦୂଷିତ ପାଣି ନିଷ୍କାସିତ ହୋଇପାରୁ ନାହିଁ।ଫଳରେ ରାସ୍ତା ଉପରେ ଦୂଷିତ ପାଣି ବୋହି ସନ୍ତସନ୍ତିଆ ହୋଇ ମଶା ମାଛିର ଗନ୍ତାଘର ହୋଇଛି। ଡ୍ରେନ୍ ରୁ ପଙ୍କ ଉଦ୍ଧାର ଓ ଅଳିଆ ଆବର୍ଜନା ନିଷ୍କାସନ ବା ସଫାସୁତୁରା କରିବା ପାଇଁ ଅଭିଯୋଗ ହୋଇ ସପ୍ତାହେ ହେଲା କିନ୍ତୁ କାର୍ଯ୍ୟକାରୀ ହେଉନାହିଁ। ସ୍ୱଚ୍ଛ ଭାରତ ମିଶନ ଗ୍ରାମୀଣ ଯୋଜନାର ସଫଳ ରୂପାୟନ ପାଇଁ ଓଡ଼ିଶାର ଗ୍ରାମାଞ୍ଚଳରେ ସ୍ୱଚ୍ଛ ଓ ସୁସ୍ଥ ବାତାବରଣ ସୃଷ୍ଟି କରିବା ନିମନ୍ତେ , ସ୍ୱଚ୍ଛତାକୁ ମୂଳମନ୍ତ୍ର କରି ସେପଟେମ୍ବର ୧୭ରୁ ଅକ୍ଟୋବର ୦୨ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ସ୍ୱଚ୍ଛ ଭାରତ ଅଭିଯାନରେ କେବଳ ଫଟୋଚିତ୍ର କି ? ଏଠାରେ ପ୍ରଶାସନ କିଭଳି ଭାବରେ ଗୁରୁଦାୟିତ୍ୱ ତୁଲାଉଛନ୍ତି। ଅପେକ୍ଷାରେ ସାଧାରଣ ଜନତା ।

# ଖାଲିପଡ଼ିଛି ଶିକ୍ଷକ ପଦବୀ, ପୂରଣ ନ ହେଲେ ତାଲାବନ୍ଦର ଚେତାବନୀ ଦେଲେ ଗ୍ରାମବାସୀ



ବେଗୁନିଆପଡା, : ବିଦ୍ୟାଳୟରେ ଶିକ୍ଷକ ପଦବୀ ପୂରଣ ନ ହେଲେ ତାଲାବନ୍ଦ ର ଚେତାବନୀ ଦେଲେ ହଂସତୂଳୀ ଗ୍ରାମବାସୀ ! ସୂଚନା ଅନୁଯାଇ ଗଞ୍ଜାମ ଜିଲ୍ଲା ବେଗୁନିଆପଡା ବ୍ଲକ ଅନ୍ତର୍ଗତ ତାଳସର ପଞ୍ଚାୟତ ଅନ୍ତର୍ଗତ ହଂସତୂଳୀ ଗ୍ରାମ ସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରେ ପ୍ରଥମ ରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଅଛି । ଏଥିରେ ପ୍ରାୟ ୨୦୦ ଜଣ ଛାତ୍ର ଛାତ୍ରୀ ଅଧ୍ୟୟନ କରୁଛନ୍ତି । ଆଠଟା ଶ୍ରେଣୀ କୁ ମାତ୍ର ପାଞ୍ଚଜଣ ଶିକ୍ଷକ ଥିବା ଫଳରେ ଶିକ୍ଷାଦାନ ରେ ବହୁ ଅସୁବିଧା ପରିଲକ୍ଷିତ ହେଉଛି ।ଜଣେ ଶିକ୍ଷକ ଅଫିସ କାର୍ଯ୍ୟ ରେ ଗଲେ ମାତ୍ର ୪ଜଣ ଶିକ୍ଷକ ୮ଗୋଟି ଶ୍ରେଣୀ ର ଛାତ୍ରଛାତ୍ରୀ ମାନଙ୍କୁ କିଭଳି ଭାବରେ ଶିକ୍ଷାଦାନ କରିବେ ତାହା ନେଇ ଅଭିଭାବକ ମାନେ ପ୍ରଶ୍ନ କରିବା ସହ ଆଜି ଗ୍ରାମବାସୀ ସମେତ ବିଦ୍ୟାଳୟ ର କମିଟି ସଦସ୍ୟ ମାନେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଙ୍କ କାର୍ଯ୍ୟାଳୟ କୁ ଯିବା ସହ ଏକ ଚାରି ଦଫା ସମ୍ୱଳିତ ଦାବିପତ୍ର ପ୍ରଦାନ କରିଛନ୍ତି । ଡେପୁଟେଶନ ରେ ଯାଇଥିବା ଶିକ୍ଷକ ମାନଙ୍କୁ ଫେରେଇ ଆଣିବା , ତୁରନ୍ତ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନିଯୁକ୍ତି ଦେବା ଓ ଅନ୍ୟାନ୍ୟ ଦାବି ନେଇ ଦାବିପତ୍ର ରେ ଉଲ୍ଲେଖ କରିଥିବା ସୂଚନା ମିଳିଛି । ଶିକ୍ଷକ ନିଯୁକ୍ତି ନେଇ ମଧ୍ଯ ସ୍ଥାନୀୟ କବିସୂର୍ଯ୍ୟନଗର ବିଧାୟିକ ଙ୍କୁ ଗ୍ରାମବାସୀ ମାନେ ଅବଗତ କରାଇଥିବା ଜଣାପଡିଛି । ଆଗରୁ ମଧ୍ଯ ଏହି ନିଯୁକ୍ତି ସମ୍ପର୍କରେ ଶିକ୍ଷା ବିଭାଗର ଅଧିକାରୀ ମାନଙ୍କୁ ଜଣାଇଥିଲେ ମଧ କିଛି ସୁଫଳ ମିଳିନାହିଁ ବୋଲି ଗ୍ରାମବାସୀ ମାନେ ପ୍ରକାଶ କରିଛନ୍ତି । ଆଗାମୀ ଦିନରେ ଅତିଶିଘ୍ର ଶିକ୍ଷକ ନିଯୁକ୍ତି ନ ଦେଲେ ଗଣଧାରଣା ସହ ତାଲାବନ୍ଦ ଆନ୍ଦୋଳନ ର ଚେତାବନୀ ଦେଇଛନ୍ତି ଗ୍ରାମବାସୀ ମାନେ ।

# ଆୟଉପୁର ବନ୍ୟା ବାତ୍ୟା ଆଶ୍ରୟ ସ୍ଥଳୀ ମରାମତିରେ ଲକ୍ଷାଧିକ ଟଙ୍କାର ଫଲସ ବିଲ କରିଛନ୍ତି ସରପଞ୍ଚଙ୍କ ଖାସ ଲୋକ

କେନ୍ଦ୍ରାପଡ଼ା, : କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ବ୍ଲକ ଆୟଉପୁର ପଞ୍ଚାୟତରେ ଥିବା ବନ୍ୟା ବାତ୍ୟା ଆଶ୍ରୟ ସ୍ଥଳୀ ମରାମତି ନାମରେ ସରପଞ୍ଚଙ୍କ ଖାସ ଲୋକ ଲକ୍ଷାଧିକ ଟଙ୍କା ଖାଇଗଲେଣି। ବନ୍ୟା ବାତ୍ୟା ଆଶ୍ରୟ ସ୍ଥଳୀ ରେ ପ୍ରଥମେ ଗାଈ ବନ୍ଧା ଯାଉଥିଲା। କାନ୍ଥରେ ଗୋବର ଚୁନି ଲାଗିଛି। ତାହାକୁ ଛଡା ଗଲା ନାହିଁ। ତାହା ଉପରେ ରଙ୍ଗ ମରା ଚାଲିଛି। ଏହି ରଙ୍ଗ ମରା ଆଳରେ ଲକ୍ଷାଧିକ ଟଙ୍କା ହଡ଼ପ ଚାଲିଛି। ରଙ୍ଗମରା ପୂର୍ବରୁ ଏହାକୁ ଭଲ ଭାବେ ସଫା କରାଯାଇ ଥିଲେ ଭଲ ଭାବେ କାନ୍ଥ ରଙ୍ଗ ପିଇଥାନ୍ତା। କିନ୍ତୁ ସେପରି କରାଗଲା ନାହିଁ। ଅସନା କାନ୍ଥ ଉପରେ ରଙ୍ଗ ଲେପ ଦିଆଯାଇ ଫଲସ ବିଲ କରାଗଲା। ଭାଙ୍ଗି ଯାଇଥିବା କାନ୍ଥକୁ ମରାମତି କରାଗଲା ନାହିଁ। କାରଣ ମରାମତି କରାଗଲେ ଟଙ୍କା ଖର୍ଚ୍ଚ ହୋଇଥାନ୍ତା। ତେଣୁ ମରାମତି କରା ନଯାଇ କେବଳ ରଙ୍ଗ ମାରିଦିଆଗଲା। ଫଳରେ ଟଙ୍କା ହଡ଼ପ କରିବା ସୁବିଧା ହେଲା। ସରପଞ୍ଚ ବିଭିନ୍ନ କାମରେ ହରିଲୁଟ କରୁଛନ୍ତି। ତାଙ୍କ ନାମରେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇସାରିଛି। ଜିଲ୍ଲାପାଳ ପଞ୍ଚାୟତର ବିଭିନ୍ନ କାମର ସମୀକ୍ଷା କରିବା ପାଇଁ ଏକ



ଟିମ ଗଠନ କରିଛନ୍ତି। ପଞ୍ଚାୟତରେ ହୋଇଥିବା କୋଟି କୋଟି ଟଙ୍କାର ଦୁର୍ନୀତିର ଜିଲ୍ଲାପାଳ ତଦନ୍ତ କରିବେ। ଜିଲ୍ଲାପାଳ ତଦନ୍ତ କଲେ ସରପଞ୍ଚଙ୍କ ଅସଲ ମୁଖା ଖୋଲିଯିବ ବୋଲି ଚର୍ଚ୍ଚା ହେଉଛି। ଛାତର କାନସ ଉପରେ ରଙ୍ଗ ବୋଳା ଯାଉଛି। ଏହା ଭାଙ୍ଗି ରଡ଼ ଦିଶୁଚି। ତାହାକୁ ମରାମତି ନକରି ରଙ୍ଗ କରାଯାଉଛି। ତଳ ଚଟାଣ ଭାଙ୍ଗି ଯାଇଛି। ତାହାକୁ ମରାମତି କରାଯାନାହିଁ। ବୋରିଂ ପାଇପ ଭାଙ୍ଗି ଯାଇଛି। ତାହାକୁ ମରାମତି କରାଯାଉନାହିଁ। କିନ୍ତୁ ରଙ୍ଗ କରାଯାଇ ଫଲସ ବିଲ କରାଯାଉଛି।

# The Transformative Potential of Generative AI



**Sahil Sarthak Biswal**
***AI Expert - Melbourne***

Imagine a world where computers can write stories, create artwork, and compose music just like humans. It sounds like something out of a science fiction movie, right? Well, welcome to the era of Generative Artificial Intelligence, or Generative AI for short. It is a groundbreaking technology that is turning heads and raising questions across the globe.So, what exactly is Generative AI? Think of it as a super-smart digital creator. It is a type of computer program that can make new things - whether that's text, pictures, music, or even computer code - after learning from countless examples. It is like a student who's read every book in the library and can now write their own stories or paint their own masterpieces.

One of the stars of this AI show is ChatGPT. It is basically a super-clever chatbot that you can talk to about almost anything. Need help with your homework? Want to brainstorm ideas for a story? ChatGPT has got your back. It is like having a knowledgeable friend available 24/7 to chat about any topic under the sun.But ChatGPT isn't the only player in town. There's also DALL-E, which is like a digital artist on steroids. You can describe any scene or object to DALL-E, and it'll whip up an image matching your description in seconds. Want to see a cat riding a unicycle on Mars? DALL-E can make that happen faster than you can say "cheese"!Another AI artist making waves is Midjourney. It is known for creating stunning, often dreamlike images that can make you question reality. These AI-generated pictures are so good that they're giving human artists a run for their money.For the tech-savvy folks out there, there's GitHub Copilot. Imagine having a tireless assistant who can help you write computer code. That's Copilot in a nutshell. It is like having a coding buddy who never sleeps and always has suggestions up its sleeve.

Now, you might be wondering, "That's all very cool, but how does this affect me?" Well, Generative AI is shaking things up in more ways than you might think. In the entertainment world, it is helping create new songs, movie scripts, and artwork. Some musicians are even collaborating with AI to compose tunes.In education, Generative AI could revolutionize how we learn. Imagine having a personal tutor available anytime, anywhere, tailoring lessons just for you. It could help level the playing field, giving more students access to high-quality educational resources.Healthcare is another field where Generative AI is making waves. It is helping doctors discover new medicines and create personalized treatment plans. While it won't



replace doctors anytime soon, it could be a powerful tool in fighting diseases and improving patient care.In the business world, Generative AI is like having a tireless assistant who can write reports, analyse data, and even help with customer service. It is boosting productivity and allowing humans to focus on more creative and strategic tasks.

However,it is not all rainbows and unicorns. Like any powerful tool, Generative AI comes with its fair share of concerns. Some worry that these AI tools might replace human workers in certain fields. After all, if an AI can write articles or create artwork, what does that mean for journalists and artists?There are also tricky questions about ownership and copyright. If an AI creates a painting or writes a song, who owns it? The person who used the AI, or the company that created the AI.It is a legal puzzle that we're still trying to solve.Another big concern is the potential for misuse. These AI tools could potentially create very convincing fake news stories or deepfake videos. In a world where misinformation is already a problem, this adds another layer of complexity.There's also the issue of fairness. Sometimes, these AI systems can reflect and amplify biases present in their training data. If we're not careful, we could end up with AI that perpetuates existing societal biases and inequalities.

Despite these challenges, Generative AI is here to stay. It is like a newborn with incredible potential. As it grows and develops, it could change how we work, create, and even think. But like any powerful tool, we need to use it wisely.We are just beginning to explore what Generative AI can do. It is an exciting time, full of possibilities. But it also means we need to have important conversations about how to use this technology responsibly. How do we harness its benefits while minimizing its risks? How do we ensure It is used ethically and for the benefit of all?As we move forward, it is crucial that everyone - not just tech experts - understands and has a say in how we use this powerful new tool. The story of Generative AI is just beginning, and we're all part of writing its next chapters. It is a technology that could either become our greatest tool or our biggest challenge. The choice, ultimately, is up to us. So, let's stay informed, ask questions, and be part of the conversation. After all, the future of AI is, in many ways, the future of us all.

# The Pager Incident



**Maharaj Sai**

On the 17th of September while in India PM Modi
“was celebrating his birthday - ambulances were
zooming past onlookers in another part of the world. This was an outcome of never seen “before case of a simultaneous blast of “an old messaging device named "Pager." Not one, not two but blast took place in “about a couple of thousands of Pager taking nine “lives and injures over 3000 users.

The bast was primarily located to South of Lebanon which is considered the fort of Hizbulla “that was declared as a militant organisation by the “West but Iran considers them freedom fighters. Coming to India - “A nation of 1.4 billion people when “comes time they show a united face and if “something like Galwan Incident happened “the Desh bhakti fever spread like wild fire.

Calls given to boycott the Chinese product “and many items were set on fire with full “media glare. Govt put many restrictions on import of “Chinese products while public and “businessmen pledge to boycott chinese goods. Yet since the 2020 Galwan incident -“the trade between India and China






“has been growing by leaps and bounds. So much so that China became the number “one trading partner of india and this “year's trade reached a record 136 billion.““Moreover the business tilted so much in “Chinese favour that out of total trade india “has Imported 118 billion while exported “only 18 billion worth of goods to China. So much for the boycott call .....given by the Nation..

The writer couldn't understand “if the Nation pledged to boycott -Who actually is importing?? Who is giving permission?? And who is buying those products ??

“So what??

One must be wondering what connection “between Pager blast and Import from China. And the answer lies in the same Pager A few months back Hizbulla had ordered a huge “quantity of Pager and Walki-talki “from Taiwan and Hungerian company. The primary investigation indicates tempering of those devices by Israeli external intelligence agency "Mosad" which is at war with Hezbollah.““A single Bipp and blast took place “all access south Labanon as pager “of a particular lot started to blast. On the second day too blast continues but this time it is Walky talki causing huge damage to manpower, causing the moral down and becoming embarrassment for the organization.

The point is -
[AB TERA KYA HOGA KALIYA]
if such things can happen with Taiwanese “and Japanese products what would happen to Indians “who depend heavily on made in China products. Interestingly of those imports - major “portions related to electronics items, phone, telecom product, computer, accessories, “Tv panel and the list goes on and on. One should be mindful that, In case of hostilities “All these products can easily be tempered and used “as a weapon against the Indian state - Like the Pager.

And when things would start to blast across “India -We can only guess what will happen“to the lovers of Chinese products

***Balangir***
***2nd of October 2024“94372 41807***

# Orissa High Court's 65 dB Cap on DJ Sound Levels Sparks Discussion on Practical Noise Management Amid Festivities



**By Dr. Satyabrata Panigrahi**
*Ph.D. Scholar (Audiology), Ex-Asst. Prof., SGRD Medical University, Amritsar*

The Orissa High Court's recent order to cap DJ sound levels at 65 decibels (dB) has sparked widespread debate, especially as we approach the festive season. While the ruling is a positive step toward managing noise pollution, many argue that a strict 65 dB limit is difficult to enforce at celebrations where sound is integral. Balancing festive spirit with health and environmental considerations could be better achieved with practical adjustments, scientifically informed thresholds, and noise mitigation strategies.

Understanding the Decibel Scale and Noise Exposure

The decibel (dB) scale is logarithmic, meaning a small numerical increase represents a substantial rise in sound intensity. For reference:

- *30 dB* – Whispering
*50-60 dB* – Normal conversation
- *70 dB* – Office or restaurant noise
- *85 dB* – Noise level considered potentially harmful for prolonged exposure, according to organizations like the World Health Organization (WHO)
*100+ dB* – Concert or nightclub sound levels, which can cause immediate harm to hearing with prolonged exposure

Different organizations have recommended safe exposure limits based on extensive research. The *Occupational Safety and Health Administration (OSHA)* advises limiting exposure to 85 dB over an 8-hour workday, while the *World Health Organization (WHO)* recommends a 40 dB limit at night to protect sleep, especially in residential areas. For festive environments, where short-term exposure occurs, aiming for a middle ground of around *75-80 dB* could satisfy public enjoyment while reducing potential health risks.

### Challenges of Enforcing a 65 dB Limit



At 65 dB, sound levels are equivalent to regular conversation, which may fall short of the typical audio experience expected at events. It is worth noting that when using multiple high-powered speakers, such as five to six JBL boxes, it becomes virtually impossible to keep sound levels within this limit without sacrificing sound quality. Anyone familiar with the decibel scale understands that high output from such equipment naturally exceeds the proposed threshold, leading to concerns about the feasibility of enforcement.

### Noise Mitigation and Management: A Balanced Approach

Rather than solely focusing on strict decibel caps, an effective approach involves using sound direction and control technologies. Some practical solutions include:

1. *Directional Speakers*: Using speakers designed to target specific areas ensures sound energy is focused toward the audience rather than spreading to nearby residential zones."
2. *Sound Barriers and Acoustic Panels*: Temporary barriers like acoustic curtains or walls help contain sound, reducing its impact on surrounding areas.
3. *Automated Sound Limiters*: These devices control output levels, allowing volume to be managed dynamically throughout an event without human monitoring.

### Personal Noise Protection: Simple Solutions for Individuals

For individuals attending or living near festive events, personal noise-blocking options provide a layer of protection from elevated noise levels. Earplugs, readily available and cost-effective, can reduce sound exposure by 15-30 dB, protecting individuals from prolonged or unexpected noise peaks. High-fidelity earplugs maintain sound quality while decreasing volume, making them suitable for event-goers who wish to enjoy music without risking their hearing health.

### The Role of Audiologists in Setting Sound Standards

Audiologists play a crucial role in understanding the effects of sound exposure on hearing health. Their expertise in sound measurement and hearing science equips them to advise policymakers on realistic and safe sound level regulations. By collaborating with event planners and enforcement agencies, audiologists can help establish practical guidelines that consider both public enjoyment and auditory safety. Given their specialized knowledge, audiologists should be included in discussions around sound level regulations to ensure that decisions are based on sound science and community well-being.

### Moving Forward: A Practical Compromise for Festive Times

To effectively manage noise during festivities, a moderate increase in permissible sound levels, possibly in the 80-90 dB range with strict instruction to use ear plugs and ear muffs for everyone, might provide a reasonable middle ground. Coupled with SLMs(Sound Level Meters)and guidelines for sound mitigation practices, this approach could help Odisha strike a balance between celebrating its vibrant culture and protecting its communities from excessive noise exposure.""By collaborating with Audiologists (Qualified Hearing care professionals), Odisha could establish a noise control model that respects public health while supporting cultural expression.

# ୧୫ ବର୍ଷରେ କେଶୁରା ଦୂର୍ଗାପୂଜା



ଭୁବନେଶ୍ୱର : ଶାରଦୀୟ ପୂଜା ପାଇଁ ସାରା ରାଜଧାନୀ ଉତ୍ସବ ମୁଖରିତ ଥିବା ବେଳେ କେଶୁରା ମଧ୍ୟ ଏଥିରୁ ବାଦ୍ ପଡ଼ିନାହିଁ। ଶାରଦୀୟ ପୂଜା ପାଇଁ ଭୁବନେଶ୍ୱର ଉପକଣ୍ଠ କେଶୁରାରେ ଏବେ ଉତ୍ସବର ମାହୋଲ। କେଶୁରା ଗ୍ରାମ ତଥା ଆଖପାଖର ଅଞ୍ଚଳ ରଙ୍ଗବେରଙ୍ଗର ଆଲୋକମାଳାରେ ଝଲସୁଛି । ଆଜି ମାଙ୍କ ସପ୍ତମୀ ପୂଜା ସମସ୍ତ ନୀତି ଅନୁସାରେ ଅନୁଷ୍ଠିତ ହୋଇଯାଇଛି। ଆଜିର ଆଧାତ୍ମିକ ପରିବେଶରେ ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ ଏବଂ ମଧ୍ୟ ବିଧାୟକ ପ୍ରାର୍ଥୀ ଜଗନ୍ନାଥ ପ୍ରଧାନ ଯୋଗ ଦେଇ ପୂଜା କମିଟିର କର୍ମକର୍ତ୍ତାଙ୍କ ଦ୍ୱାରା ପୂଜା ପରିବେଶର ସ୍ୱଚ୍ଛତା ଓ ସୁରକ୍ଷା କୁ ଭୂୟସୀ ପ୍ରଶଂସା କରିଥିଲେ। ସ୍ଥାନୀୟ ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ମଧ୍ୟ ପ୍ରଶଂସା କରିଥିଲେ।

କେଶୁରା ଦୂର୍ଗାପୂଜା କମିଟି ସଭାପତି ପ୍ରଫୁଲ୍ଲ ସ୍ୱାଇଁ ଏବଂ କମିଟି ର ସମସ୍ତ ସଦସ୍ୟ ଓ କାର୍ଯ୍ୟକର୍ତ୍ତା ମାନଙ୍କୁ ଧନ୍ୟବାଦ ଜଣାଇଥିଲେ।

# ନିଆଣ୍ଟିଆ ବର୍ଷା, ଧାନ ଫସଲ ପୋଡି ନଷ୍ଟ,ମରୁଡି ସ୍ଥିତି

ଭଞ୍ଜନଗର, :ଭାଦ୍ରବ ଯାଇ ଆଶ୍ୱିନ ମାସ ହେଲାଣି ତଥାପି ଆକାଶରୁ ବର୍ଷା ଉଭାନ ହୋଇଯାଇଛି।ବର୍ଷା ଅଭାବରୁ କେଉଁଠି ଜମି ଫାଟି ଆଁ କଲାଣି ତ କେଉଁଠି ଧାନଗଛ ପୋଡି ନଷ୍ଟ ହେଲାଣି।ଏଭଳି ମରୁଡି ସ୍ଥିତି ଉପୁଜିଛି ଗଞ୍ଜାମ ଜିଲ୍ଲା ସୋରଡ଼ା ବ୍ଲକର ହୁକୁମା,ଭଗବାନପୁର,ଗେଞ୍ଜା ପଂଚାୟତର ବି. କୋଟିବାଡ଼ି, ପେଟାଗାଡୁ,ଶୁଣ୍ଡି ଡିହପଲ୍ଲୀ,ଝୁଣ୍ଟିଆପଲ୍ଲୀ,ଏନ ବଞ୍ଜର,କୈଳାସପୁର ଭଳି ବହୁ ଗ୍ରାମରେ ବର୍ଷା ଅଭାବରୁ ଧାନ ଗଛ ପୋଡି ନଷ୍ଟ ହୋଇଛି ।ପାଞ୍ଚ ହଜାର ହେକ୍ଟରରୁ ଅଧିକ ଜମିରେ ଧାନ ଫସଲ ପୋଡି ନଷ୍ଟ ହୋଇଛି।ପୂର୍ବ ମାସ ଗୁଡିକରେ ସ୍ୱଳ୍ପ କିଛି ବର୍ଷା ହୋଇଥିଲା।ଯାହା ଫଳରେ ଚାଷୀ ହଳ ଲଙ୍ଗଳ ଧରି ଖୁବ ଆଗ୍ରହର ସହ ଚାଷ କାର୍ଯ୍ୟରେ ଲାଗି ପଡ଼ିଥିଲେ।ଧାନରୁଆ କାର୍ଯ୍ୟ ସରିବା ପରେ ଧାନ କେଣ୍ଡା ବାହାରିବା ବେଳକୁ ବର୍ଷାର ଆଉ ଦେଖା ନାହିଁ ।ଯାହାଫଳରେ ଜଳ ଅଭାବରୁ କାଦୁଅ ଜମି ଫାଟି ଆଁ କଲାଣି।ଅନେକ ଜାଗାରେ ଧାନ ଗଛ ଗୁଡିକ ପାଚି ଯାଇଥିବା ବେଳେ ଆଉ କିଛି ଧାନ ଗଛ ପାଣି ଅଭାବରୁ ମରିଯିବା ସ୍ଥିତିରେ ରହିଛି ।ଚାଷୀ ମାନେ ଧାନ ଗଛ ଗୁଡିକୁ କାଟି ନେଇ ଗାଈକୁ ଖାଇବାକୁ ଦେଉଛନ୍ତି।ବର୍ତମାନ ଧାନ ଚାଷ ରେ କ୍ଷତି ସହିଲେ ଆଗକୁ କିଭଳି ପରିବାର ଚଳାଇବେ ତାକୁ ନେଇ ଚିନ୍ତାରେ ଚାଷୀକୂଳ। ଚାଷ ଜମି କୁ ଜଳ ସେଚନର ସୁବିଧା ନଥିବାରୁ ଏଠାକାର ଚାଷୀ ବର୍ଷା ଜଳ ଉପରେ ନିର୍ଭର କରିଥାନ୍ତି।ଉଚିତ ସମୟରେ ସରକାରୀ ସାର ଚାଷୀଙ୍କୁ ଯୋଗାଇ ନଥିବାରୁ ଚଢାଦରରେ ସାର କିଣି ଆଣିଥିଲେ। ଜଣେ ଜଣେ ଚାଷୀ ନିଜ ଚାଷ କାର୍ଯ୍ୟରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରିଛନ୍ତି। କିଏ ସୋସାଇଟି ରୁ ଋଣ ଆଣିଛି ତ ଆଉ କିଏ ଧାର କରଜ କରି ଚାଷ କାର୍ଯ୍ୟ କରିଥିଲେ।ମରୁଡି ସ୍ଥିତି ଦେଖିବା ପରେ ଚାଷୀ କୁଳ ମନରେ ଛନକା ପଶିଛି।କାହ୍ନୁଚରଣ ପାଣିଗ୍ରାହୀ, ଶିବପ୍ରସାଦ ପାଣିଗ୍ରାହୀ, ଭିକାରି ଚରଣ ସାବତଙ୍କ ଭଳି ବହୁ ଚାଷୀ କହିଛନ୍ତି ସରକାର ଚାଷୀଙ୍କ ପ୍ରତି ଦୃଷ୍ଟି ଦେଇ ତୁରନ୍ତ ମରୁଡି ସ୍ଥିତି ଅନୁଧ୍ୟାନ କରି ଖୁବଶୀଘ୍ର ଚାଷୀଙ୍କୁ କ୍ଷତି ପୂରଣ ଯୋଗାଇ ଦିଅନ୍ତୁ।କ୍ଷତି ପୂରଣ ନମିଳିଲେ ଆଗକୁ ଆତ୍ମହତ୍ୟା କରିବେ ବୋଲି ଚେତାବନୀ ଦେଇଛନ୍ତି ।

# ଆବାସିକ ବିଦ୍ୟାଳୟ ଓ ହଷ୍ଟେଲରେ ଅନ୍ତେବାସୀଙ୍କ ସୁରକ୍ଷା ଓ ନିରାପତ୍ତା ବ୍ୟବସ୍ଥାକୁ ସୁଦୃଢ କରାଯିବା ସଂପର୍କରେ ଗୁରୁତ୍ୱପୂର୍ଣ୍ଣ ବୈଠକ

ଭୁବନେଶ୍ୱର : ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟା ଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ଆବାସିକ ବିଦ୍ୟାଳୟ ଓ ହଷ୍ଟେଲରେ ଅନ୍ତେବାସୀଙ୍କ ସୁରକ୍ଷା ଓ ନିରାପତ୍ତା ବ୍ୟବସ୍ଥାକୁ ସୁନିଶ୍ଚିତ ଓ ସୁଦୃଢ କରିବା ପ୍ରସଙ୍ଗରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକସୋମବାର ଲୋକସେବା ଭବନରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଏହି ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ବିଷ୍ଣୁପଦ ସେଠୀ, କୃଷି ଓ କୃଷକ ସଶକ୍ତିକରଣ, ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ଡ଼ଃ. ଅରବିନ୍ଦ କୁମାର ପାଢୀ,ବାଣିଜ୍ୟ ଓ ପରିବହନ ତଥା ନଗର ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଉଷା ପାଢୀ, ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ଶାଶ୍ୱତ ମିଶ୍ରଙ୍କ ସମେତ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଏବଂ ଅର୍ଥ ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗଦେଇ ଆବାସିକ ବିଦ୍ୟାଳୟ ଓ ହଷ୍ଟେଲରେ ଅନ୍ତେବାସୀଙ୍କ ପାଇଁ ଉପଲବ୍ଧ



ସୁବିଧା, ସେମାନଙ୍କର ସମସ୍ୟା ଓ ତାହାର ସମାଧାନ ଏବଂ ସୁରକ୍ଷା ଓ ନିରାପତ୍ତା ପ୍ରସଙ୍ଗରେ ରହିଥିବା ବ୍ୟବସ୍ଥା ସଂପର୍କରେ ଆଲୋଚନାରେ ଅଂଶଗ୍ରହଣ ପୂର୍ବକବ୍ୟବସ୍ଥାରେ ଅଧିକ ଉନ୍ନତି ପାଇଁ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ । ସୂଚନା ଯୋଗ୍ୟ ଯେ, ରାଜ୍ୟରେଏହି ବିଭାଗ ଅଧିନରେ ୫୮୪୧ ଛାତ୍ରାବାସ ଏବଂ ଛାତ୍ରୀ ନିବାସ ରହିଥିବା ବେଳେ ଏଥିରେ ପ୍ରାୟ ୫ ଲକ୍ଷ ୪୦ ହଜାର ଅନ୍ତେବାସୀ ରହୁଛନ୍ତି । ତନ୍ମଧ୍ୟରୁ ପ୍ରାୟ ୩ଲକ୍ଷ ୪୦ ହଜାର ଅନ୍ତେବାସୀ ଏଏସଡି ବିଭାଗ ଦ୍ୱାରା ପରିଚାଳିତ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ବେଳେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧିନରେ ଥିବା ସ୍କୁଲରେ ପ୍ରାୟ ୧ ଲକ୍ଷ ୭୭ ହଜାର , ଅନ୍ୱେଷା ହଷ୍ଟେଲରେ ୨୨ ହଜାର ୩୪୦ ଓ ଆକାଂକ୍ଷା ହଷ୍ଟେଲରେ ୧୬୨୦ ଛାତ୍ରଛାତ୍ରୀ ରହି ଅଧ୍ୟୟନ କରୁଛନ୍ତି । ବିଭିନ୍ନ ହଷ୍ଟେଲରେ ପ୍ରାୟ ୫୮ ପ୍ରତିଶତ ଅନ୍ତେବାସୀ ବାଳିକା ହୋଇଥିବାରୁ ସେମାନଙ୍କର ସୁରକ୍ଷା ଓ ନିରାପତ୍ତା ପ୍ରମୁଖ ପ୍ରସଙ୍ଗ ରହିଛି । ଅନେକ ହଷ୍ଟେଲ ଦୁର୍ଗମ ସ୍ଥାନରେ ଅବସ୍ଥିତି ଦୃଷ୍ଟିରୁ ସ୍ୱାସ୍ଥ୍ୟସେବା,ଭିତ୍ତିଭୂମି ଉନ୍ନୟନ, କର୍ମଚାରୀ ଅଭାବ ପୂରଣ, ଅସୁସ୍ଥ ହେଉଥିବା ଛାତ୍ରଛାତ୍ରୀମାନଙ୍କୁ ଠିକ ସମୟରେ ଚିକିତ୍ସା, ଖାଦ୍ୟ ଯୋଗାଣ, ପୋଷଣ, ସ୍ୱାସ୍ଥ୍ୟରକ୍ଷା ଏବଂ କେତେକ ହଷ୍ଟେଲରେ ଆବଶ୍ୟକତା ଠାରୁ ଅଧିକ ଅନ୍ତେବାସୀ ରହିବାକୁ ପଡୁଥିବାରୁ ସ୍ଥାନାଭାବ ଭଳି ସମସ୍ୟା ଏବଂ ଛାତ୍ରାବାସ ପରିଚାଳନା ଭଳି ପ୍ରମୁଖ ଆହ୍ୱାନ ରହିଛି । ବୈଠକରେ ଛାତ୍ରଛାତ୍ରୀଙ୍କ ପାଇଁ ସରକାରଙ୍କ ତରଫରୁ ସହାୟତା ପ୍ରଦାନ କରାଯାଉଥିବା ପ୍ରି-ମାଟ୍ରିକ୍ ସ୍କଲାରସିପ୍ ସହିତ ଚିକିତ୍ସା ଓ ସ୍ୱାସ୍ଥ୍ୟରକ୍ଷା, ପୋଷାକ ଏବଂ ଆନୁଷଙ୍ଗିକ ଖର୍ଚ୍ଚ ବ୍ୟବସ୍ଥା ସଂପର୍କରେ ଆଲୋଚନା କରାଯାଇଥିଲା । ବିଭିନ୍ନ ବାବଦରେ ଅଦ୍ୟାବଧି ପ୍ରଦାନ କରାଯାଉଥିବା ଆର୍ଥିକ ସହାୟତାରେ ବୃଦ୍ଧି କରାଯିବାର ଆବଶ୍ୟକତା ଥିବା ବିଭାଗ ତରଫରୁପ୍ରସ୍ତାବ ଉପସ୍ଥାପନ କରାଯାଇଥିଲା । ଅନ୍ତେବାସୀମାନଙ୍କ ପାଇଁ ବ୍ୟାପକ ସ୍ୱାସ୍ଥ୍ୟ ଯତ୍ନ ବ୍ୟବସ୍ଥା, ସୁରକ୍ଷା ଓ ନିରାପତ୍ତା, ବିଭିନ୍ନଘଟଣା ସଂପର୍କରେ ଶୀଘ୍ର ସୂଚନା ପାଇବା, ଜିଲ୍ଲାସ୍ତରୀୟ ତ୍ୱରିତ ରେସପନ୍ସ ବ୍ୟବସ୍ଥା, ପରିଚ୍ଛନ୍ନତା, ପରିମଳ, ସ୍ୱାସ୍ଥ୍ୟ ରକ୍ଷା, ପାଣି ପାଇପ୍ ମରାମତି କାର୍ଯ୍ୟ, ବୈଦ୍ୟୁତିକ ମରାମତି ଆଦି ଗୁରୁତ୍ୱପୂର୍ଣ୍ଣ ଏବଂ ଜରୁରୀ ଆବଶ୍ୟକତା ଭଳି ପ୍ରସଙ୍ଗରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନେବା ସହ ଏକ ଉତ୍ସର୍ଗୀକୃତ ହଷ୍ଟେଲ ମ୍ୟାନେଜମେଣ୍ଟ ବ୍ୟବସ୍ଥା ସଂପର୍କରେ ବିଭାଗର ପ୍ରମୁଖ ଶାସନ ସଚିବ ଉପସ୍ଥାପନ କରିଥିଲେ ଓ ଏ ସମସ୍ତ ପ୍ରସଙ୍ଗରେ ଅନ୍ୟ ସଚିବମାନେ ଆବଶ୍ୟକ ପରାମର୍ଶ ଓ ମତ ରଖିଥିଲେ । ଉନ୍ନୟନ କମିଶର ଶ୍ରୀମତୀ ଗର୍ଗ ବିଭିନ୍ନ ପ୍ରସଙ୍ଗରେ ନିର୍ଦ୍ଦେଶ ଓ ପରାମର୍ଶ ଦେଇ କହିଥିଲେ ଯେ, ଛାତ୍ରଛାତ୍ରୀଙ୍କ ସୁରକ୍ଷା ଓ ନିରାପତ୍ତା ପ୍ରସଙ୍ଗରେ କୌଣସି ପ୍ରକାର ଅବହେଳାକୁ ପ୍ରଶୟ ଦିଆଯିବ ନାହିଁ । ସେମାନଙ୍କ ପ୍ରତି ବିଭାଗ ସମେତ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ, ପ୍ରଧାନ ଶିକ୍ଷକ, ପ୍ରଧାନ ଶିକ୍ଷୟିତ୍ରୀ, ବିଦ୍ୟାଳୟସ୍ତରରେ ବିଭିନ୍ନ କମିଟି ତଥା ଅଭିଭାବକ ସମସ୍ତେ ସଚେତନ ଓ ଆନ୍ତରିକତାର ସହିତ ଯଥେଷ୍ଟ ଅଧିକ ଧ୍ୟାନ ଦେବାକୁ ଉନ୍ନୟନ କମିଶନର ପରାମର୍ଶ ଦେଇଛନ୍ତି । ଆହୁରି ମଧ ଓଡ଼ିଶା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ପକ୍ଷରୁଆବାସିକ ବିଦ୍ୟାଳୟ ଏବଂ ହଷ୍ଟେଲମାନଙ୍କରେ ବିପର୍ଯ୍ୟୟ ସମୟରେ ମୁକାବିଲା ପାଇଁ ପ୍ରସ୍ତୁତି ସଂପର୍କରେ ଛାତ୍ରଛାତ୍ରୀମାନଙ୍କୁ ଆବଶ୍ୟକ ପ୍ରଶିକ୍ଷଣ ଦେବାକୁ ସେ ପରାମର୍ଶ ଦେଇଥିଲେ ।

# ଦୁର୍ଗମ ଅଞ୍ଚଳବାସୀଙ୍କ ସମସ୍ୟା ବୁଝିଲେ ଜିଲ୍ଲାପାଳ



ଫିରିଙ୍ଗିଆ, : କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକର ବିଭିନ୍ନ ଦୁର୍ଗମ ଅଞ୍ଚଳ ବୁଲି ଲୋକଙ୍କ ସମସ୍ୟା ବୁଝିଛନ୍ତି କନ୍ଧମାଳ ଜିଲ୍ଲାପାଳ ଅମ୍ରିତ ରତୁରାଜ। କ୍ରାଣ୍ଡିବାଲି ପଞ୍ଚାୟତର ଅତ୍ୟନ୍ତ ଆଭ୍ୟନ୍ତରୀଣ ଅଞ୍ଚଳ କୁ ହାଯାଉଥିବା ପ୍ରି ଏଡି ଗ୍ରାମକୁ ଯାଇ ଗ୍ରାମବାସୀଙ୍କ ସହିତ ସମସ୍ୟା ନେଇ ଆଲୋଚନା କରିଥିଲେ ଜିଲ୍ଲାପାଳ। ବିଶେଷ କରି ଏହି ଅଞ୍ଚଳରେ ଥିବା ପାନୀୟ ଜଳ, ରାସ୍ତାଘାଟ ଭଳି ସମସ୍ୟାର ସମାଧାନ ପାଇଁ ଗ୍ରାମବାସୀ, ଜନପ୍ରତିନିଧ ଓ ଅଧିକାରୀ ମାନଙ୍କ ସହିତ ସେ ଆଲୋଚନା କରିଥିଲେ । ଗୋଚ୍ଛାପଡା ଓ ପକାରୀ ଯାଇ ମିଶନ ଶକ୍ତି ଗୃହ ଓ ଅନ୍ୟାନ୍ୟ ଉନ୍ନୟନ ପ୍ରକଳ୍ପର ତଦାରଖ କରିଥିଲେ। ଏହି ଗସ୍ତ ଅବସରରେ ବିଭିନ୍ନ ଗ୍ରାମରେ ଲୋକଙ୍କ ସହିତ ବୈଠକ କରିଥିଲେ ଜିଲ୍ଲାପାଳ ରତୁ ରାଜ। ଅନେକ ସ୍ଥାନକୁ ଯାତାୟାତ ସୁବିଧା ନ ଥିବାରୁ ଜିଲ୍ଲାପାଳଙ୍କୁ ଚାଲି ଚାଲି ଯିବାକୁ ପଡିଥିଲା। ଏହି ଦୁର୍ଗମ ଅଞ୍ଚଳକୁ ପ୍ରଥମ ଥର ପାଇଁ ଜିଲ୍ଲାପାଳ ଆସିଥିବାରୁ ଲୋକଙ୍କ ଭିତରେ ପ୍ରବଳ ଆଗ୍ରହ ଦେଖିବାକୁ ମିଳିଥିଲା । ବିଭିନ୍ନ ଗ୍ରାମରେ ଜିଲ୍ଲାପାଳଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଜିଲ୍ଲାପାଳଙ୍କ ଏହି ଗସ୍ତ ସମୟରେ ଫିରିଙ୍ଗିଆ ବିଡ଼ିଓ ଅନୁପ ଅଭିଷେକ ବେହେରା, ସହକାରୀ ଯନ୍ତ୍ରୀ ଜୟପ୍ରକାଶ ଜେନା, ଓଏଲଏମ ଅଧିକାରୀ ସଂଗ୍ରାମ କେଶରୀ ସାହୁ, ଏପିଓ ସୁମନ୍ତ ଉଠାଣସିଂବି, ବିଭିନ୍ନ ପଞ୍ଚାୟତ ସରପଞ୍ଚ, ବିଜେଡି ନେତା ବିଷ୍ଣୁ ଚରଣ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ପରିମଳ ବ୍ୟବସ୍ଥା ଦେଖି ରାଗିଲେ ବୁଦ୍ଧିଜୀବୀ ଓ ନେତା

ସାଲେପୁର : ହାଟ ରେ ଯୁଆଡେ ଦେଖିବ କୁଢ଼ କୁଢ଼ ଅଳିଆ, ଆବର୍ଜନା ସହିତ ଦୁର୍ଗନ୍ଧ ଯେ ନାକ ଫାଟି ଯିବ। ସାଧାରଣ ଲୋକ ଯିଏବି ଯିବ ଦୁର୍ଗନ୍ଧ ରେ ବାନ୍ତି କରିଦେବ। ଏହିଭଳି ଦୃଶ୍ୟ ଦେଖିବାକୁ ମିଳିଛି କଟକ ଜିଲ୍ଲା ସାଲେପୁର ରେ ଥିବା ଏକମାତ୍ର ସର୍ବ ପୁରାତନ ହାଟ। ପ୍ରତି ରବିବାର ଓ ଗୁରୁବାର ହାଟବସେ ହାଟସରିଲେ ହାଟ ସବୁ ଅଳିଆ ଆବର୍ଜନା ସେମିତି ପଡିରହି ପଚି ସଢ଼ି ଦୁର୍ଗନ୍ଧ ସୃଷ୍ଟି ହୁଏ କିନ୍ତୁ ପୁଣି ପର ହାଟ ପାଳିରେ ପୁନରାବୃତ୍ତି ହୁଏ ଯାହାକି ହାଟଟି ସମ୍ପୂର୍ଣ୍ଣ ଅଳିଆ ଆବର୍ଜନା ରେ ଭରପୁର ହୋଇ ରୋଗ ସୃଷ୍ଟି କରିବାକୁ ଅନେଇ ରହିଥାଏ। ସାଲେପୁର ହାଟଟି କେନ୍ଦୁପାଟଣା ନିୟନ୍ତ୍ରିତ ବଜାର କମିଟି ଅଧୀନରେ ଥିଲେ ମଧ ଏଥି ପ୍ରତି କାହାର ନଜର ପଡିବାତ ଦୂରର କଥା କମିଟିର କର୍ମଚାରୀ ହାଟ କୁ ଆସି ସେହି



ଆବର୍ଜନରେ ହାଟରେ ପାରିବାକିଣି ଚାଲିଯାଆନ୍ତି। ଏହି ବିଷୟରେ ସାଲେପୁର ବାସି ଅଭିଯୋଗ କରିବାକୁ ଗଲେ ମଧ ନିୟନ୍ତ୍ରିତ ବଜାର କମିଟିର ସେକ୍ରେଟାରୀ ଙ୍କ ଦେଖାମିଳିବା କଷ୍ଟକର କାରଣ ସେ କେବେବି ଅଫିସ ନ ଆସି କଟକ ରେ ବସି କାମ କରିଥାନ୍ତି ।ଅଞ୍ଚଳ ବାସୀଙ୍କ ଅନୁରୋଧ କ୍ରମେ ବିଜେପି ନେତା ହାଟ ପରିଦର୍ଶନ ରେ ଆସି ହାଟର ଅବସ୍ଥା ଦେଖି ବିଶ୍ୱାସ କରିପାରିଲିନି ଯେ ଏ ହେଉଛି ସାଲେପୁର ହଟବୋଲି। ଯାହାଖାଲି ନିୟନ୍ତ୍ରିତ ବଜାର କମିଟି କର୍ମଚାରୀ ଙ୍କୁ ତାଗିଦ କରିଛନ୍ତି ଯେ ଆଗକୁ ଯଦି ନ ସୁଧୁରେ ତେବେ ଅନ୍ୟ ପନ୍ଥା ଗ୍ରହଣ କରିବେ।

# ରାଜନଗର କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟଠାରୁ ହଂସୁଆ ସେତୁ ପର୍ଯ୍ୟନ୍ତ ଜବରଦଖଲ ଉଚ୍ଛେଦ ପାଇଁ ଦାବୀପତ୍ର

ରାଜନଗର, : ରାଜନଗର ବ୍ଲକ ସଦର ମହକୁମାସ୍ଥିତ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟଠାରୁ ହଂସୁଆ ସେତୁ ପର୍ଯ୍ୟନ୍ତ ସରକାରୀ ଜାଗାରେ ହୋଇଥିବା ଜବରଦଖଲକୁ ଉଚ୍ଛେଦ ପାଇଁ ତହସିଲଦାରଙ୍କୁ ଦାବୀପତ୍ର ପ୍ରଦାନ କରାଯାଇଛି। ଦାବୀପତ୍ରରେ ସେମାନେ ଦର୍ଶାଇଛନ୍ତି ଯେ, ରାଜନଗର ମୌଜା ରକ୍ଷିତ ଖାତା ନଂ-୪୫୨ରେ ଥିବା ପ୍ଲଟଗୁଡିକରେ ପ୍ରଭାବଶାଳୀ ବ୍ୟକ୍ତିମାନେ ଜୋରଜବରଦସ୍ତ ଅଟାଳିକା ନିର୍ମାଣ ସହ ଦୋକାନ କରିଛନ୍ତି । ଏପରିକି କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟରୁ ବଜାର ମୁଖ୍ୟରାସ୍ତାକୁ ଥିବା ପଥ ଅବରୋଧ କରାଯାଇଛି । ଏସମସ୍ତ ଜବରଦଖଲକାରୀଙ୍କୁ ଉଚ୍ଛେଦ କରିବାକୁ ସୁଲୋଚନ ଦାସ, ସୁବାଷ ସେଠୀ, ଦୀପକ ମଳିକ, ବିଶ୍ୱନାଥ ସେଠୀ, ଶ୍ରୀଧର ସେଠୀ, ନିତିଶକୁମାର ନାଥ, ସନ୍ତୋଷ ସାହୁ, ଦୀପୁ ମଳିକ, ଶ୍ରୀବସ୍ ମଳିକ ପ୍ରମୁଖ ଦାବୀ କରିଛନ୍ତି ।

# ରାଶନ କାର୍ଡ ହାତେଇଥିବା ନେଇ ଭାଜପା ପକ୍ଷରୁ ବିଡିଓଙ୍କ ନିକଟରେ ଅଭିଯୋଗ

ଭଦ୍ରକ: ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକର ଜଳେଶରପୁର ପଞ୍ଚାୟତ ସରପଞ୍ଚ ରାଶନ କାର୍ଡ ହାତେଇଥିବା ନେଇ ଭାଜପା ପକ୍ଷରୁ ବିଡିଓଙ୍କ ନିକଟରେ ଅଭିଯୋଗ ହୋଇଛି। ଅଭିଯୋଗରେ ଦର୍ଶାଯାଇଛି ଯେ, ରାଶନ କାର୍ଡ ନମ୍ବର-୦୪୦୫୧୫୧୦୬୮୮ରେ ପରିବାର ମୁଖ୍ୟ ଭାବେ ସରପଞ୍ଚଙ୍କ ସ୍ତ୍ରୀଙ୍କ ନାମରେ ରହିଥିବା ବେଳେ କାର୍ଡ ନମ୍ବର ୦୪୦୫୧୫୧୧୦୩୮ରେ ସରପଞ୍ଚଙ୍କ ଭାଇଙ୍କ ସ୍ତ୍ରୀଙ୍କ




ନାମରେ ରହିଛିବ୍ଲକରେ ଅନେକ ଯୋଗ୍ୟ ହିତାଧିକାରୀ ରାଶନ କାର୍ଡ ପାଇବାରୁ ବଞ୍ଚିତ ଥିବାବେଳେ ଜଣେ ସରପଞ୍ଚ ଓ ତାଙ୍କ ପରିବାର ଲୋକ କାର୍ଡ ହାତେଇବା ବେଆଇନ। ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ପାଇଁ ଭାଜପା ନେତା ରମାକାନ୍ତ ଭଳ ବିଡିଓଙ୍କ ନିକଟରେ ଦାବି କରିଛନ୍ତି। ଅପରପକ୍ଷେ ସରପଞ୍ଚଙ୍କ ଭାଇଙ୍କ ସ୍ତ୍ରୀ ରାଶନ ବଣ୍ଟନ ଦାୟିତ୍ୱରେ ଥିବା ସ୍ୱୟଂସହାୟକ ଗୋଷ୍ଠୀର ସଭାନେତ୍ରୀ ଥିବାବେଳେ ତାଙ୍କର ଦୁଇ ମହଲା କୋଠା ସହ ଚାରିଚକିଆ ଯାନ ରହିଛି। ଏସବୁ ପରେ ଜଣେ ଅଯୋଗ୍ୟ ରାଶନ କାର୍ଡ ହାତେଇଥିବା ଭାଜପା ନେତା ଚନ୍ଦନ ରାଉତ, ରମାକାନ୍ତ ଓ ଶଙ୍କର ସେନାପତି ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବିଡିଓ ଅସିତ୍ ? କୁମାର ମହାନ୍ତିଙ୍କୁ ପଚାରିବାରୁ ଅଭିଯୋଗ ମିଳିଛି, ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ଜିଆରଏସ ପଦକୁ ପୁଣି ଫେରାଇନେବା ନିର୍ଦ୍ଦେଶ ଉପରେ ହାଇକୋର୍ଟଙ୍କ ଅନ୍ତରୀଣ ରହିତାଦେଶ

କଟକ: ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧିନରେ ଆକାଉଣ୍ଟାଣ୍ଟ ତଥା ଡାଟା ଏଣ୍ଟ୍ରି ଅପରେଟର ଭାବେ ଗତ ମାର୍ଚ୍ଚ ମାସରେ ନିଯୁକ୍ତି ପାଇଥିବା ଗ୍ରାମରୋଜଗାର ସେବକ(ଜିଆରଏସ)ଙ୍କୁ ପୁଣି ପୂର୍ବ ପଦକୁ ଫେରାଇ ନେବା ପାଇଁ ୨୦୨୪, ସେପ୍ଟେମ୍ବର ୨୫ରେ ଜାରି କରାଯାଇଥିବା ନିର୍ଦ୍ଦେଶ ଉପରେ ହାଇକୋର୍ଟ ଅନ୍ତରୀଣ ରହିତାଦେଶ ଜାରି କରିଛନ୍ତି। ଏଥି ସହିତ ହାଇକୋର୍ଟ ମାମଲାରେ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ସଚିବ, ନିର୍ଦ୍ଦେଶକ, କେନ୍ଦ୍ରାପଡ଼ା ଜିଲ୍ଲାପାଳ ତଥା ମାଜିଷ୍ଟ୍ରେଟ, ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀଙ୍କୁ ନୋଟିସ୍ ଜାରି କରି ପରବର୍ତ୍ତୀ ଶୁଣାଣି ପୂର୍ବରୁ ସତ୍ୟପାଠ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସେପ୍ଟେମ୍ବର ୨୫ର ନିର୍ଦ୍ଦେଶ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯିବ ନାହିଁ ବୋଲି ହାଇକୋର୍ଟ କହିଛନ୍ତି। ଜଷ୍ଟିସ ଶଶିକାନ୍ତ ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ସରସ୍ୱତୀ ମଣ୍ଡଳ ଓ ଅନ୍ୟ ୧୦ଜଣଙ୍କ




ତରଫରୁ ଦାୟର ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ନଭେମ୍ବର ୮କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି। ମାମଲାର ବିବରଣୀରୁ ପ୍ରକାଶ ଯେ ଆବେଦନକାରୀ ୨୦୧୮ରେ ଜିଆରଏସ ଭାବେ ନିଯୁକ୍ତି ପାଇଥିଲେ। ୨୦୨୧, ଜୁଲାଇ ୧ରେ ପ୍ରକାଶିତ ଜିଆରଏସଙ୍କ ଗ୍ରେଡେସନ ତାଲିକାରେ ଆବେଦନକାରୀଙ୍କ ନାଁ ସ୍ଥାନ ପାଇଥିଲା। ୨୦୨୪, ଫେବ୍ରୁଆରି ୨୭ରେ ପଞ୍ଚାୟତିରାଜ ବିଭାଗ ତରଫରୁ ଆକାଉଣ୍ଟାଣ୍ଟ ତଥା ଡାଟା ଏଣ୍ଟ୍ରି ଅପରେଟର ନିଯୁକ୍ତି ନିୟମାବଳୀ, ୨୦୨୪ ଜାରି କରାଯାଇଥିଲା। ଜିଆରଏସଙ୍କୁ ଆକାଉଣ୍ଟାଣ୍ଟ ତଥା ଡାଟା ଏଣ୍ଟ୍ରି ଅପରେଟର ପଦରେ ନିଯୁକ୍ତି ସଂକ୍ରାନ୍ତରେ ଗତ ମାର୍ଚ୍ଚ ୧୨ରେ ପଞ୍ଚାୟତିରାଜ ବିଭାଗ ଏକ ଗାଇଡ଼ଲାଇନ ଜାରି କରିଥିଲା। ଏହାପରେ ମାର୍ଚ୍ଚ ୧୫ରେ ୧୮୨ଜଣ ଜିଆରଏସଙ୍କୁ ଆକାଉଣ୍ଟାଣ୍ଟ ତଥା ଡାଟା ଏଣ୍ଟ୍ରି ଅପରେଟର ପଦରେ ନିଯୁକ୍ତି ଦିଆଯାଇଥିଲା। ଆବେଦନକାରୀମାନେ ନୂଆ ପଦବିରେ ନିଯୁକ୍ତି ପରେ ପଟ୍ଟାମୁଣ୍ଡାଇ, ରାଜନଗର, ମହାକାଳପଡ଼ା, ଗରଦପୁର, ରାଜକନିକା ଓ ଅନ୍ୟ ବ୍ଲକରେ କାର୍ଯ୍ୟ କରୁଥିବା ବେଳେ ହଠାତ ଗତ ସେପ୍ଟେମ୍ବର ୨୫ରେ ସେମାନଙ୍କୁ ପୁଣି ପୂର୍ବ ଅବସ୍ଥା (ଜିଆରଏସ ପଦ)କୁ ଫେରାଇ ନେବାକୁ କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନିର୍ଦ୍ଦେଶ ଦେଇଥିଲେ। ଏଥି ସହିତ ଆକାଉଣ୍ଟାଣ୍ଟ ତଥା ଡାଟା ଏଣ୍ଟ୍ରି ଅପରେଟର ପଦରେ କାର୍ଯ୍ୟ କରିବା ବେଳେ ଆବେଦନକାରୀ ପାଇଥିବା ଦରମା ବାବଦ ଅର୍ଥ ଫେରସ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏଭଳି ନିର୍ଦ୍ଦେଶ ପ୍ରଦାନ କରାଯିବା ପୂର୍ବରୁ ଆବେଦନକାରୀଙ୍କୁ ପକ୍ଷ ରଖିବାକୁ ସୁଯୋଗ ଦିଆଯାଇ ନଥିଲା ବୋଲି ଅଭିଯୋଗ ହୋଇଥିଲା। ଏ ନେଇ ହାଇକୋର୍ଟରେ ଦାୟର ମାମଲାରେ ଦର୍ଶାଯାଇଛି ଯେ ଖାଲି ପଡ଼ିଥିବା ୨୫୯ଟି ମଞ୍ଜୁରୀପ୍ରାପ୍ତ ଆକାଉଣ୍ଟାଣ୍ଟ ତଥା ଡାଟା ଏଣ୍ଟ୍ରି ଅପରେଟର ପଦରେ ଜିଆରଏସ ଭାବେ କାର୍ଯ୍ୟ କରୁଥିବା ଆବେଦନକାରୀ ଓ ଅନ୍ୟମାନଙ୍କୁ ନିଯୁକ୍ତି ଦିଆଯାଇଥିଲା। ପଞ୍ଚାୟତିରାଜ ବିଭାଗ ତରଫରୁ ଜାରି ନିୟମାବଳୀନ ଅନୁସାରେ ଆବେଦନକାରୀଙ୍କୁ ଏହି ପଦବିରେ ନିଯୁକ୍ତି ଦିଆଯାଇଥିବା ବେଳେ ବିନା କାରଣରେ ସେମାନଙ୍କୁ ପୁଣି ପୂର୍ବ ପଦକୁ ଫେରାଇ ନେବାକୁ ନିର୍ଦ୍ଦେଶ ଦିଆଯିବା ଆଇନ ଅନୁସାରେ ଗ୍ରହଣୀୟ ନୁହେଁ। ଏଭଳି ନିର୍ଦ୍ଦେଶ ପୂର୍ବରୁ ଆବେଦନକାରୀଙ୍କୁ ପକ୍ଷ ରଖିବାକୁ ସୁଯୋଗ ଦିଆଯାଇ ନଥିଲା। ଏହା ସମ୍ବିଧାନ ପ୍ରଦତ୍ତ ମୌଳିକ ଅଧିକାରର ଉଲ୍ଲଂଘନ। ସେପ୍ଟେମ୍ବର ୨୫ରେ ନିର୍ଦ୍ଦେଶକୁ ରଦ୍ଦ କରାଯାଉ ବୋଲି ଆବେଦନକାରୀ ଦର୍ଶାଇଥିଲେ। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଶଶିଭୂଷଣ ଜେନା ମାମଲା ପରିଚାଳନା କରୁଥିବା ବେଳେ ଆଇନଜୀବୀ ସ୍ୱୟଂପ୍ରଭୁ ଜେନା ସହାୟତା କରୁଥିଲେ।

# ସିପାହି, କନେଷ୍ଟବଳ ନିଯୁକ୍ତି କ୍ଷେତ୍ରରେ ସର୍ବାଧିକ ବୟସ ସୀମା ସର୍ତ୍ତକୁ ଚ୍ୟାଲେଞ୍ଜ

କଟକ: ସିପାହି/କନେଷ୍ଟବଳ ପଦରେ ନିଯୁକ୍ତି ପାଇଁ ପ୍ରକାଶିତ ବିଜ୍ଞପ୍ତିରେ ସର୍ବାଧିକ ବୟସ ସୀମା ସଂକ୍ରାନ୍ତରେ ରହିଥିବା ସର୍ତ୍ତକୁ ଚ୍ୟାଲେଞ୍ଜ କରି ଦାୟର ମାମଲାରେ ହାଇକୋର୍ଟ ଜବାବ ତଲବ କରିଛନ୍ତି। ରାଜ୍ୟ ଗୃହ ବିଭାଗ, ପୁଲିସ ଡିଜି, ଆଇଜି, ଷ୍ଟେଟ୍ ସିଲେକ୍ସନ୍ ବୋର୍ଡକୁ ହାଇକୋର୍ଟ ନୋଟିସ୍ ଜାରି କରି ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥି ସହିତ ଏହି ପଦବି ପାଇଁ ଆବେଦନକାରୀଙ୍କ ଦରଖାସ୍ତକୁ ଗ୍ରହଣ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଅନ୍‌ଲାଇନ/ ଅଫ୍‌ଲାଇନ ବ୍ୟବସ୍ଥାରେ ଆବେଦନକାରୀ ଦରଖାସ୍ତ ଦାଖଲ କରିବେ। ଆବେଦନକାରୀଙ୍କୁ ନିଯୁକ୍ତି ପ୍ରକ୍ରିୟାରେ ଅଂଶଗ୍ରହଣ କରିବାକୁ ସୁଯୋଗ ଦିଆଯିବ। କିନ୍ତୁ କୋର୍ଟଙ୍କ ବିନା ଅନୁମତିରେ ଆବେଦନକାରୀଙ୍କ ଫଳ ପ୍ରକାଶ କରାଯିବ ନାହିଁ ବୋଲି ହାଇକୋର୍ଟ ଅନ୍ତରୀଣ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ୍ ଶଶିକାନ୍ତ ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଚିତ୍ତରଂଜନ ଦାସ ଓ ଅନ୍ୟ ୪୮ଜଣଙ୍କ ତରଫରୁ ଦାୟର ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ଦେଇଛନ୍ତି। ନଭେମ୍ବର ୨୨କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି। ମାମଲାର ବିବରଣୀରୁ ପ୍ରକାଶ ଯେ ଓଡ଼ିଶା ପୁଲିସର ଓଏସ୍‌ଏପି, ଆଇଆର,



ଏସ୍‌ଆଇଆର, ସ୍ପେସାଲ୍ ସିକ୍ୟୁରିଟି ବାଟାଲିଅନ୍‌ରେ ୧୩୬୦ଟି ସିପାହି/ କନେଷ୍ଟବଳ ପଦ ପୂରଣ ପାଇଁ ଷ୍ଟେଟ୍ ସିଲେକ୍ସନ୍ ବୋର୍ଡ ପକ୍ଷରୁ ୨୦୨୪, ସେପ୍ଟେମ୍ବର ୨୨ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ୨୦୨୪, ଜାନୁଆରି ୧ରେ ପ୍ରାର୍ଥୀଙ୍କ ସର୍ବନିମ୍ନ ବୟସ ୧୮ ଓ ସର୍ବାଧିକ ୨୩ ବର୍ଷ ହୋଇଥିବ ବୋଲି ପ୍ରକାଶିତ ବିଜ୍ଞପ୍ତିରେ ସ୍ପଷ୍ଟ କରାଯାଇଥିଲା। ଅନ୍ୟପକ୍ଷରେ ଶେଷ ଥର ୨୦୧୮ରେ ଓଡ଼ିଶା ପୁଲିସରେ ସିପାହି/କନେଷ୍ଟବଳ ପଦ ପୂରଣ ପାଇଁ ନିଯୁକ୍ତି ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା। ୬ ବର୍ଷର ବ୍ୟବଧାନ ପରେ ନିଯୁକ୍ତି ପ୍ରକ୍ରିୟା ଅନୁଷ୍ଠିତ ହେଉଥିବାରୁ ପ୍ରାର୍ଥୀଙ୍କ ସର୍ବାଧିକ ବୟସ ସୀମା କୋହଳ କରାଯିବାର ଆବଶ୍ୟକତା ରହିଛି ଦର୍ଶାଇ ହାଇକୋର୍ଟରେ ଆଶାୟୀ ପ୍ରାର୍ଥୀଙ୍କ ତରଫରୁ ଏହି ଆବେଦନ ଦାୟର ହୋଇଛି। କରୋନା ମହାମାରୀ ପରେ ସରକାରୀ ଚାକିରିରେ ସର୍ବାଧିକ ବୟସ ସୀମା ସଂପର୍କିତ ୧୯୮୯ର ନିୟମରେ ସରକାର ସଂଶୋଧନ କରିଥିଲେ। ମହାମାରୀ ସଂକ୍ରମଣ ବେଳେ ପ୍ରାୟ ତିନି ବର୍ଷ ଧରି କୌଣସି ନିୟମିତ ନିଯୁକ୍ତି ପ୍ରକ୍ରିୟା ଅନୁଷ୍ଠିତ ହୋଇ ନଥିଲା। ଏହାପରେ ସର୍ବାଧିକ ବୟସସୀମା କୋହଳ ପାଇଁ ନୂଆ ନିୟମ କରାଯାଇଥିଲା। କିନ୍ତୁ ସିପାହି/କନଷ୍ଟେବଳ ପଦ ପାଇଁ ସରକାର ବୟସ ସୀମା କୋହଳ ନ କରିବା ଦ୍ୱାରା ବହୁ ଯୋଗ୍ୟ ଓ ଆଶାୟୀ ପ୍ରାର୍ଥୀ ନିଯୁକ୍ତି ପ୍ରକ୍ରିୟାରୁ ବଞ୍ଚିତ ହେବେ ବୋଲି ଆବେଦନକାରୀଙ୍କ ତରଫରୁ ଦର୍ଶାଯାଇଛି। ନିଯୁକ୍ତି ବିଜ୍ଞପ୍ତିରେ ସଂଶୋଧନ କରି ସର୍ବାଧିକ ବୟସ ସୀମା ବୃଦ୍ଧି କରାଯାଉ ବୋଲି ଆବେଦନରେ ଉଲ୍ଲେଖ କରାଯାଇଛି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ରାଜୀବ ରଥ ମାମଲା ପରିଚାଳନା କରୁଛନ୍ତି।

# ଖଡ଼ଗେଙ୍କୁ ନିର୍ବାଚନ କମିସନଙ୍କ କଡ଼ା ଚିଠି: ୨୦ ଆସନର ଇଭିଏମ୍ ସିଲ୍ କରିବାକୁ ଦାବି

ନୂଆଦିଲ୍ଲୀ: ନିର୍ବାଚନ କମିସନ (ଇସି) କଂଗ୍ରେସ ମୁଖ୍ୟ ମଲ୍ଲିକାର୍ଜୁନ ଖଡ଼ଗେଙ୍କୁ ଏକ ଚିଠି ଲେଖି କଂଗ୍ରେସ ନେତାଙ୍କ ହରିୟାଣା ଫଳାଫଳ ଟିପ୍ପଣୀର କଡ଼ା ଜବାବ ଦେଇଛି। କଂଗ୍ରେସ ନେତା ପୱନ ଖେଡ଼ା ଓ ଜୟରାମ ରମେଶ ହରିୟାଣା ନିର୍ବାଚନ ଫଳକୁ ଅଗ୍ରହଣୀୟ କହିଛନ୍ତି। ସେମାନେ ଇଭିଏମ୍ ଜାଲିଆତି ହୋଇଥିବା ନେଇ ଅଭିଯୋଗ କରିଛନ୍ତି। ନିର୍ବାଚନ ଫଳ ଆସିବାପରେ କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ ଏକ ସାମ୍ବାଦିକ ସମ୍ମିଳନୀ କରି ଇଭିଏମ୍ ଜାଲିଆତି ହୋଇଥିବା ନେଇ ଅଭିଯୋଗ କରିଥିଲେ। ତେବେ ଆଜି ଇସି ଖଡ଼ଗେଙ୍କୁ ଏନେଇ ଏକ କଡ଼ା ଚିଠି ଲେଖି କହିଛନ୍ତି, ମନ୍ଦ ଉଦ୍ଦେଶ୍ୟ ରଖି ଏଭଳି ଭିତ୍ତିହୀନ ଟିପ୍ପଣୀ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଶୁଣିବାକୁ ମିଳେନାହିଁ। ଏହା ଖୋଲା ମତବ୍ୟକ୍ତ କରିବାର ଆଇନଗତ ଅଧିକାର ଠାରୁ ବହୁତ ଦୂରରେ। ଇସି କହିଛନ୍ତି, ଜୟରାମ ରମେଶ




ଏବଂ ପୱନ ଖେଡ଼ାଙ୍କ ଟିପ୍ପଣୀ ନିର୍ବାଚନ ପ୍ରକ୍ରିୟାରେ ଲୋକମାନେ ପ୍ରକାଶ କରିଥିବା ସେମାନଙ୍କ ଇଚ୍ଛାର ଏକ ଅଗଣତାନ୍ତ୍ରିକ ପ୍ରତ୍ୟାଖ୍ୟାନ। ସ୍ୱଚ୍ଛ ଗଣତାନ୍ତ୍ରିକ ପ୍ରକ୍ରିୟାକୁ ବିଭ୍ରାନ୍ତିକର ଦର୍ଶାଇବାକୁ ଏଭଳି ପ୍ରୟାସ ଅଭୂତପୂର୍ବ ବୋଲି ନିର୍ବାଚନ କମିସନ କହିଛନ୍ତି। ଅନ୍ୟପକ୍ଷେ ଆଜି ବରିଷ୍ଠ କଂଗ୍ରେସ ନେତା କେସି ବେଣୁଗୋପାଳ, ଜୟରାମ ରମେଶ, ପୱନ ଖେଡ଼ା ଏବଂ ଅଜୟ ମାକେନଙ୍କ ସମେତ ବରିଷ୍ଠ ନେତାମାନଙ୍କର ଏକ ପ୍ରତିନିଧି ଦଳ ଦିଲ୍ଲୀ ସ୍ଥିତ ନିର୍ବାଚନ କମିସନ ଅଫିସରେ ପହଞ୍ଚି ହରିୟାଣା ବିଧାନସଭା ନିର୍ବାଚନ ଫଳ ନେଇ ଚିନ୍ତା ପ୍ରକଟ କରିଛନ୍ତି। ୨୦ଟି ଆସନର ଇଭିଏମ୍‌କୁ ସିଲ୍ କରି ରଖାଯିବାକୁ କଂଗ୍ରେସ ନେତାମାନେ ଦାବି କରିଛନ୍ତି। ବିଭିନ୍ନ ନିର୍ବାଚନମଣ୍ଡଳୀରେ ଭୋଟ୍ ଗଣତି ପ୍ରକ୍ରିୟାକୁ ନେଇ ଅନେକ କଂଗ୍ରେସ ନେତା ସନ୍ଦେହ ପ୍ରକଟ କରିଥିବା ବେଳେ ନିର୍ବାଚନ କମିସନ ଏହାକୁ ପ୍ରତ୍ୟାଖ୍ୟାନ କରିଛନ୍ତି।

**TARIFF**

| | | |
|---|---|---|
| Full Page | Colour | -15000 |
| Full Page | B/W | - 10000 |
| Half Page | Colour | -10000 |
| Half Page | B/W | - 6000 |
| Quarter Page | Colour | - 5000 |
| Quarter Page | B/W | - 3000 |

**CONTACT**

6371417361 voiceofvictimsnews@gmail.com
www.voiceofvictims.co.in
Follow/Like/Subscribe :
Voice Of Victims News

Printed by **Gyana Ranjan Mishra** and published by **Gyana Ranjan Mishra** on behalf of Voice Of Victims Trust and Printed at M/S Bhagawati Electronic Process,D-3, Mancheswar Industrial Estate, Bhubaneswar,Khurda, Odisha, Pin- 751010 and Published at EB-24, Stage-V, Laxmisagar Brit colony, Bhubaneswar, Khurda, Odisha, Pin-751006
**Editor: Gyana Ranjan Mishra**
ସମ୍ପାଦକ: ଜ୍ଞାନ ରଞ୍ଜନ ମିଶ୍ର